୬ ଥାଇଲାଣ୍ଡକୁ ୧୧-୦ ଗୋଲରେ ହରାଇଲା ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
● ବର୍ଷ–୩୨ ● ସଂଖ୍ୟା–୨୧୯ ● ୬ ସେପ୍ଟେମ୍ବର ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-219 ● 6th September 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

### ରାଜ୍ୟସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ

# 'ପଢ଼ିବା, ଗଢ଼ିବା ଓଡ଼ିଶା'ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୫ା୯
ନ୍ୟୁଜ୍ ବ୍ୟୁରୋ

ଆଜି କାଲି ବିଭିନ୍ନ କ୍ଷେତ୍ରରେ ସୁଯୋଗ ଅସିମୀତ। ପିଲାମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରନ୍ତୁ। ପିଲାମାନଙ୍କୁ ନିଜ ଇଛାରେ ଉଡିବାକୁ ଦିଅନ୍ତୁ, ସ୍ୱପ୍ନ ଦେଖିବାକୁ ସୁଯୋଗ ଦିଅନ୍ତୁ ଏବଂ ସ୍ୱପ୍ନକୁ ପୂରଣ କରିବା ପାଇଁ ଜଣେ ଜଣେ ମେଣ୍ଟର ଭାବେ କାମ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ରାଜ୍ୟସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି।

ଲୋକସେବା ଭବନ କନଭେନ୍ସନ୍ ସେଣ୍ଟର ଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ମହାନ ରାଷ୍ଟ୍ରନୀତିଜ୍ଞ, ଆଦର୍ଶ ଶିକ୍ଷକ ତଥା ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଡଃ ରାଧାକ୍ରିଷ୍ଣନ ପ୍ରତ୍ୟେକ ବିଦ୍ୟାର୍ଥୀ ତଥା ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ହେଉଛନ୍ତି ଆଦର୍ଶ। ସେ କେବଳ ଜଣେ ବିଶିଷ୍ଟ ଶିକ୍ଷାବିତ, ଦାର୍ଶନିକ କିମ୍ବା ରାଷ୍ଟ୍ରନୀତିଜ୍ଞ ନଥିଲେ, ସେ ଥିଲେ ଭାରତବର୍ଷର ଜଣେ ଶ୍ରେଷ୍ଠ ଗୁରୁ।




ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜିର ଶିକ୍ଷା ପଦ୍ଧତିରେ ଆମ ପାଇଁ ସବୁଠାରୁ ବଡ ଦୁଇଗୋଟି ଆହ୍ୱାନ ରହିଛି। ପ୍ରଥମଟି ହେଲା ଡ୍ରପଆଉଟ୍ ହାରକୁ ଆଶାତୀତ ଭାବେ ହ୍ରାସ କରିବା ଏବଂ ଦ୍ୱିତୀୟଟି ହେଉଛି ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନ ବ୍ୟବସ୍ଥା। ଡ୍ରପ ଆଉଟ୍ ହାରକୁ ରୋକିବା ପାଇଁ ମିଡ୍ ଡେ ମିଲ ବା ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଏକ ସଫଳ ପଦକ୍ଷେପ ଭାବେ ସାବ୍ୟସ୍ତ ହୋଇଛି। ବର୍ତ୍ତମାନ ଆମେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମକୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମ୍ପ୍ରସାରିତ କରିଛୁ ଏବଂ ପିଲାମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟର ମଧ୍ୟ ବ୍ୟବସ୍ଥା କରିଛୁ। ଜନଜାତି ବର୍ଗର ପିଲାମାନଙ୍କୁ ମଧ୍ୟ ମାଧୋ ସିଂ ହାତଖର୍ଚ୍ଚ ଯୋଜନା ଜରିଆରେ ସହାୟତା ପ୍ରଦାନ କରାଯାଉଛି। ଏହି ସବୁ ଯୋଜନା ଆଗାମୀ ଦିନରେ ଡ୍ରପଆଉଟ୍ ହାର କମ୍ କରିବାରେ ନିଶ୍ଚିତ ରୂପେ ସଫଳ ହେବ। ସେହିଭଳି ରାଜ୍ୟର ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ନୂତନ ଶିକ୍ଷାନୀତି ଲାଗୁ କରାଯାଇଛି।

ନୂତନ ଶିକ୍ଷା ନୀତି ଅଧୀନରେ ଛାତ୍ରଛାତ୍ରୀ ମାନଙ୍କୁ ସୃଜନଶୀଳ ଓ ସ୍ୱାବଲମ୍ବୀ କରିବା ପାଇଁ ଷ୍ଟେଟ୍ କରିକୁଲମ ଫ୍ରେମଓ୍ୱାର୍କ ଆରମ୍ଭ କରାଯାଉଛି। ପିଲାମାନଙ୍କ ପାଇଁ *(ପୃଷ୍ଠା ୭ରେ)*

# ଓଡ଼ିଶାର ଦୁଇ ଶିକ୍ଷକଙ୍କୁ 'ଜାତୀୟ ଶିକ୍ଷକ ପୁରସ୍କାର'ରେ ସମ୍ମାନିତ କଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ, ୫ା୯

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁ ଦିବସ ଉପଲକ୍ଷେ ଦେଶର ମୋଟ୍ ୮୧ ଜଣ ଆଦର୍ଶ ଶିକ୍ଷକଙ୍କୁ ବିଦ୍ୟାଳୟ ଶିକ୍ଷା ଏବଂ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କରିଛନ୍ତି। ରାଷ୍ଟ୍ରପତିଙ୍କ ଦ୍ୱାରା ଓଡ଼ିଶାର ଦୁଇ ଜଣ ଆଦର୍ଶ ଶିକ୍ଷକ ପୁରସ୍କୃତ ହୋଇଛନ୍ତି।

କୋରାପୁଟ ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ତରୁଣ କୁମାର ଦାଶ ଅଭିନବ ଶିକ୍ଷାଦାନ ପଦ୍ଧତି ଏବଂ ଭାଷା ଶିକ୍ଷା କ୍ଷେତ୍ରରେ ଅବଦାନ ପାଇଁ ପୁରସ୍କୃତ ହୋଇଛନ୍ତି। କଥା ଚିତ୍ର, ମାଇଁ ରିଡିଂ ବୁକ୍ ଏବଂ ମାଇଁ ପିକ୍ଚର ମାଇଁ ଷ୍ଟୋରୀ, ନ୍ୟୁଜ୍ ନେଷ୍ଟ ଏବଂ ମୈ ଭି ସ୍ପିକର ଭଳି ପ୍ରୟାସ ଜରିଆରେ ସେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା, ସାକ୍ଷରତା ଏବଂ ଯୋଗାଯୋଗ ଦକ୍ଷତା ବୃଦ୍ଧି କରିପାରିଛନ୍ତି। ସେ ମଧ୍ୟ ମିଲେଟ୍ କ୍ରାନ୍ତି ଅଭିଯାନର ନେତୃତ୍ୱ ନେଇ ନିଜ ବିଦ୍ୟାଳୟରେ ଶ୍ରୀଅନ୍ନ ଜାତୀୟ ଖାଦ୍ୟ ପରଷି ଦେବାରେ ଅଗ୍ରଣୀ ହୋଇପାରିଛନ୍ତି। ତାଙ୍କର ଉଦ୍ୟମ ସ୍ୱାସ୍ଥ୍ୟ, ପୋଷଣ ଏବଂ ସାଂସ୍କୃତିକ ସଚେତନତାକୁ ପ୍ରୋତ୍ସାହିତ କରିଛି। ଏହି ବହୁମୁଖୀ ଅଭ୍ୟାସଗୁଡ଼ିକ ଶିକ୍ଷା ପାଇଁ ଏକ ଶକ୍ତିଶାଳୀ ଦୃଷ୍ଟିକୋଣର ଉଦାହରଣ ଦେଉଛି



ଯାହା ଛାତ୍ରଛାତ୍ରୀଙ୍କୁ କେବଳ ଶିକ୍ଷାଗତ ଭାବରେ ନୁହେଁ, ବରଂ ସୃଜନଶୀଳ, ଆତ୍ମବିଶ୍ୱାସୀ ଏବଂ ସାମାଜିକ ସଚେତନ ବ୍ୟକ୍ତିତ୍ୱ ଭାବେ ଗଢ଼ି ତୋଳିବାରେ ସହାୟକ ହେଉଛି।

ସେହିପରି ମାଲକାନଗିରି କୋଣ୍ଡେଲ ସରକାରୀ ନୋଡାଲ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବସନ୍ତ କୁମାର ରଣା ନୂତନ ଶିକ୍ଷାଦାନ ଏବଂ ଗୋଷ୍ଠୀ ସହଭାଗିତା ପାଇଁ ପୁରସ୍କୃତ ହୋଇଛନ୍ତି। ତାଙ୍କର ଉଦ୍ୟମ ଶ୍ରେଣୀଗୃହରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଏବଂ ଅଂଶଗ୍ରହଣରେ ସୁଧାର ଆଣିଛି। ସେ ବିଦ୍ୟାଳୟ ଏବଂ ସମାଜ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ଚତୁରତାର ସହିତ ସୃଜନଶୀଳ, କମ ଖର୍ଚ୍ଚର ପଦ୍ଧତି ବ୍ୟବହାର କରିଛନ୍ତି। ସଚେତନତା ଶୋଭାଯାତ୍ରା, ପଥପ୍ରାନ୍ତ ସଭା, କଣ୍ଢେଇ ନାଚ ଏବଂ ମାସିକ ଭ୍ରାମ୍ୟମାଣ ଗୋଷ୍ଠୀ ପାଠାଗାର ମାଧ୍ୟମରେ ଶ୍ରୀ ରଣା ବିଦ୍ୟାଳୟ ଏବଂ ସମାଜ ମଧ୍ୟରେ ରହିଥିବା ସମ୍ପର୍କକୁ ସୁଦୃଢ଼ କରିଛନ୍ତି। ''ଟକିଂ ଓ୍ୱାଲ୍ସ'' (କଥା କୁହା କାନ୍ଥ) ଏବଂ ''ପଥର ବର୍ଣ୍ଣମାଳା ଏବଂ ସଂଖ୍ୟା ବଗିଚା'' ଭଳି ଉଦ୍ୟମ ଜରିଆରେ ସେ ବିଦ୍ୟାଳୟ ପରିସରକୁ ସମ୍ପୃକ୍ତି ଆଧାରିତ ଶିକ୍ଷାୟତନ କେନ୍ଦ୍ରରେ ପରିଣତ କରିଛନ୍ତି। ତାଙ୍କର ଏହି ଉଦ୍ୟମ ମୌଳିକ ସାକ୍ଷରତା ଏବଂ ଛାତ୍ରଛାତ୍ରୀଙ୍କ ସାମଗ୍ରୀକ ବିକାଶକୁ ପ୍ରୋତ୍ସାହିତ କରିଛି।

# ଚାଇନା ପାଖରେ ଭାରତ ଓ ଋଷକୁ ହରାଇଦେଲୁ ବୋଲି କହିଲେ ଟ୍ରମ୍ପ

ନୂଆଦିଲ୍ଲୀ, ୫ା୯

ପୂର୍ବରୁ ଭାରତକୁ ବନ୍ଧୁ ରାଷ୍ଟ୍ର କହୁଥିବା ଟ୍ରମ୍ପ ଏବେ ଚାଇନା ପାଖରେ ନୂଆଦିଲ୍ଲୀକୁ ଆମେରିକା ହରାଇ ଦେଇଥିବା ସେ କହିଛନ୍ତି। ଏଥିସହ ସେ ମୋଦୀ, ପୁଟିନ ଓ ଜିନପିଙ୍ଗଙ୍କ ଗୋଟିଏ ଫଟୋକୁ ମଧ୍ୟ ସେୟାର କରିଛନ୍ତି।

ଭାରତ ଓ ଆମେରିକା ସମ୍ପର୍କ ବିଗିଡ଼ି ଯାଇଥିବାର ବଡ଼ ସଙ୍କେତ ଦେଇଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ବିଶେଷ କରି ନିକଟରେ ଚାଇନାରେ ଆୟୋଜିତ ଏସସିଓ ଶିଖର ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେବା ପରେ ଆମେରିକା ବିଚଳିତ ହୋଇ ପଡ଼ିଛି। ଏସସିଓ ସମ୍ମିଳନୀ ବେଳେ ପ୍ରଧାନମନ୍ତ୍ରୀ ମୋଦୀ ଚାଇନା ରାଷ୍ଟ୍ରପତି ସି ଜିନପିଙ୍ଗ ଓ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ କଥା ହୋଇଥିଲେ।

ଜିନପିଙ୍ଗ, ମୋଦୀ ଓ ପୁଟିନ ହସଖୁସିରେ କଥା ହେଉଥିବା ଫଟୋ ମଧ୍ୟ ବେଶ ଭାଇରାଲ ହୋଇଥିଲା। ଏହାକୁ ଦେଖି ଟ୍ରମ୍ପ ନିରାଶ ଓ କ୍ଷୁବ୍ଧ ହୋଇଛନ୍ତି। ପୂର୍ବରୁ ଭାରତକୁ ବନ୍ଧୁ ରାଷ୍ଟ୍ର କହୁଥିବା ଟ୍ରମ୍ପ ଏବେ *(ପୃଷ୍ଠା ୭ରେ)*





## ପ୍ରତିକ୍ରିୟା ଦେବାକୁ ବୈଦେଶିକ ମନ୍ତ୍ରଣାଳୟର ମନା

ନୂଆଦିଲ୍ଲୀ, ୫ା୯

ଭାରତ ଏବଂ ଋଷ ଚୀନ୍ ସହିତ ଯିବେ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିବୃତି ଉପରେ ପ୍ରତିକ୍ରିୟା ଦେବାକୁ ବୈଦେଶିକ ମନ୍ତ୍ରଣାଳୟ ମନା କରିଦେଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର କହିଛନ୍ତି ଯେ ଏହି ପ୍ରସଙ୍ଗରେ ତାଙ୍କର କୌଣସି ମନ୍ତବ୍ୟ ନାହିଁ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ଶୁକ୍ରବାର ସାମ୍ବାଦିକ ସମ୍ମିଳନୀରେ ଅନେକ ପ୍ରସଙ୍ଗରେ ଭାରତର ମତାମତ ଉପସ୍ଥାପନ କରିଥିଲେ। ଆମେରିକା ରାଷ୍ଟ୍ରପତିଙ୍କ ପରାମର୍ଶଦାତା ପିଟର ନାଭାରୋଙ୍କ ସମ୍ପ୍ରତି *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ଗଞ୍ଜାମ ଜିଲ୍ଲା ଛତ୍ରପୁରର ନାରାୟଣ ପ୍ରଧାନଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ।
- ହୀରାକୁଦ ବନ୍ଧରୁ ପାଣି ଛଡ଼ାହେବା ପରେ ସମ୍ବଲପୁର–ସୁବର୍ଣ୍ଣପୁର ରାସ୍ତା ବନ୍ଦ, ବନ୍ୟାଜଳ ଯୋଗୁଁ ଯାତାୟାତ ବାଧାପ୍ରାପ୍ତ।
- ୧୪ ଜଣ ଆତଙ୍କବାଦୀ ଆରଡିଏକ୍ସ ସହିତ ମୁମ୍ବାଇରେ ପହଞ୍ଚିବେ ବୋଲି ହ୍ୱାଟ୍ସଆପ୍‌ରେ ଧମକ – ମୁମ୍ବାଇରେ ହାଇ ଆଲର୍ଟ୍।
- ଖୋର୍ଦ୍ଧାରେ ୮ ମାସ ପରେ ଯୁବତୀଙ୍କର ପଚା ଗଳିତ ଶବ ଉଦ୍ଧାର।
- ତାମିଲନାଡୁ: କୁଡ୍ଡଲୋର୍ ସିପ୍‌କୋଟ କାରଖାନାରେ କେମିକାଲ୍ ଗ୍ୟାସ୍ ଲିକ୍, ୪୦ରୁ ଅଧିକ ଲୋକ ହସ୍ପିଟାଲ୍‌ରେ ଭର୍ତ୍ତି।
- ଓଡ଼ିଶାରେ ୬୦୦ ନୂଆ ବିଦ୍ୟୁତ ବସ୍ ଚାଲୁ ହେବ, ଯାତାୟାତରେ ବଡ଼ ପଦକ୍ଷେପ।
- ହସ୍ତକଳା ଓ ବୁଣାକାରଙ୍କ ପାଇଁ ଜିଏସ୍‌ଟି କମିଲା।
- 'ଲୋକାହ୍' ନାୟିକା କଲ୍ୟାଣୀ ପ୍ରିୟଦର୍ଶନଙ୍କର ଓଣମ୍ ଶୁଭେଚ୍ଛା ଇନ୍‌ଷ୍ଟାଗ୍ରାମରେ ଭାଇରାଲ୍।

# ଶସ୍ତା ହେବ ପେଟ୍ରୋଲ ଡିଜେଲ

ନୂଆଦିଲ୍ଲୀ, ୫ା୯

ଜିଏସ୍‌ଟି ସ୍ଲାବରେ ସଂସ୍କାର ପରେ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ସରକାର ସର୍ବଦା ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବା ପାଇଁ ପ୍ରୟାସ କରନ୍ତି। ସେ କହିଛନ୍ତି ଯେ ଏହି ନବରାତ୍ରିର ପ୍ରଥମ ଦିନରୁ, କମ ହାର ଯୋଗୁ ଜନସାଧାରଣ ଅଧିକ ସାମଗ୍ରୀ କିଣିପାରିବେ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବୁଧବାର ସ୍ପଷ୍ଟ କରିଛନ୍ତି ଯେ ଏବେ କେବଳ ଦୁଇଟି ଜିଏସଟି ସ୍ଲାବ ୫ ପ୍ରତିଶତ ଏବଂ ୧୮ ପ୍ରତିଶତ ରହିବ, ଯେତେବେଳେ କ୍ଷତିକାରକ ଏବଂ ସୁପର ଲଗଜରୀ ସାମଗ୍ରୀ ଉପରେ ଏକ




ସ୍ୱତନ୍ତ୍ର ୪୦ ପ୍ରତିଶତ ଟିକସ ଲାଗୁ ହେବ। ଏହି ସଂସ୍କାର ସମ୍ପର୍କରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, 'ସାଧାରଣ ଲୋକଙ୍କୁ ଧ୍ୟାନରେ ରଖି ଏହି ସଂସ୍କାର କରାଯାଇଛି। ସାଧାରଣ ଲୋକଙ୍କ ଦୈନନ୍ଦିନ ବ୍ୟବହାର ଉପରେ ଲାଗୁ ହୋଇଥିବା ପ୍ରତ୍ୟେକ ଟିକସର ସମୀକ୍ଷା କରାଯାଇଛି ଏବଂ ଅଧିକାଂଶ କ୍ଷେତ୍ରରେ ଦରକୁ ବ୍ୟାପକ ଭାବରେ ହ୍ରାସ କରାଯାଇଛି। ଏହା ଚାଷୀ ଏବଂ କୃଷି କ୍ଷେତ୍ର ସହିତ ସ୍ୱାସ୍ଥ୍ୟ କ୍ଷେତ୍ରକୁ ମଧ୍ୟ ଲାଭଦାୟକ ହେବ। ଏକ କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଶୁକ୍ରବାର କହିଥିଲେ ଯେ ୩୦୦ରୁ ଅଧିକ ସାମଗ୍ରୀ ଏବଂ ସେବାର ଦର ହ୍ରାସ ହେବାକୁ ଯାଉଛି। ଏହି ସମୟରେ, ସେ ପେଟ୍ରୋଲ ଏବଂ ଡିଜେଲକୁ ଜିଏସ୍‌ଟି ପରିସରକୁ ଆଣିବା ବିଷୟରେ ମଧ୍ୟ ସୂଚନା ଦେଇଥିଲେ। ସେ *(ପୃଷ୍ଠା ୭ରେ)*

# ଚୀନ ସହ ସୀମା ବିବାଦ ଏକ ବଡ଼ ଆହ୍ୱାନ

ନୂଆଦିଲ୍ଲୀ, ୫ା୯

ଭାରତର ପ୍ରତିରକ୍ଷା ମୁଖ୍ୟ (ସିଡିଏସ୍) ଜେନେରାଲ ଅନୀଲ ଚୌହାନ ଶୁକ୍ରବାର ଗୋରଖପୁରରେ କହିଛନ୍ତି ଯେ ଚୀନ୍ ସହିତ ଭାରତର ସୀମା ବିବାଦ ଦେଶ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ମଧ୍ୟରୁ ଗୋଟିଏ। ଏହା ସହିତ ଭାରତ ବିରୁଦ୍ଧରେ ପାକିସ୍ତାନର କରିଚାଲିଥିବା ନିରନ୍ତର ଆକ୍ରମଣ ହେଉଛି ପରବର୍ତ୍ତୀ ବଡ଼ ସମସ୍ୟା। ପାକିସ୍ତାନର ଲକ୍ଷ୍ୟ ସର୍ବଦା ଭାରତକୁ ହଜାର କ୍ଷତ ଦେଇ ରକ୍ତାକ୍ତ କରିବା।

ଏକ ସମାବେଶକୁ ସମ୍ବୋଧିତ କରି ସେ କହିଛନ୍ତି ଯେ ଦେଶ ସମ୍ମୁଖରେ ଥିବା ଚ୍ୟାଲେଞ୍ଜଗୁଡ଼ିକ ଅଳ୍ପ ସମୟ ପାଇଁ ରହନ୍ତି ନାହିଁ, ବରଂ ସେଗୁଡ଼ିକ ଅନେକ ରୂପରେ



ଉପସ୍ଥିତ ଅଛନ୍ତି। ମୁଁ ବିଶ୍ୱାସ କରେ ଯେ ଚୀନ୍ ସହିତ ଭାରତର ବିବାଦ ସବୁଠାରୁ ବଡ଼ ଚ୍ୟାଲେଞ୍ଜ, ଯାହା ଭବିଷ୍ୟତରେ ମଧ୍ୟ ରହିବ। ଆଉ ଏକ ଚ୍ୟାଲେଞ୍ଜ ହେଉଛି ଯୁଦ୍ଧର ନିୟମ ବଦଳି ଯାଇଛି, ଏବେ ସାଇବର ଏବଂ ସ୍ପେସ୍ ମଧ୍ୟ ଏଥିରେ ସାମିଲ *(ପୃଷ୍ଠା ୭ରେ)*

# ସତର୍କ ସଙ୍କେତ ଉପରେ ଜଳକା, ବୁଢ଼ାବଳଙ୍ଗ: ସୁବର୍ଣ୍ଣରେଖା ଜଳସ୍ତର ବି ବଢୁଛି

ବାଲେଶ୍ୱର, ୫ା୯
ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣରେଖାର ଉପରମୁଣ୍ଡରେ ଝିପି ଝିପି ବର୍ଷା ଲାଗି ରହିଥିବାରୁ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। କେନ୍ଦ୍ର ଜଳ ଆୟୋଗ କୌଣସି ଆଗୁଆ ସୂଚନା ଜାରି କରି ନ ଥିବାରୁ ଆଗାମୀ ୨୪ ଘଣ୍ଟା ମଧ୍ୟରେ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ନାହିଁ ବୋଲି ଜଳସମ୍ପଦ ବିଭାଗର ଜଣେ ଅଧିକାରୀ କହିଛନ୍ତି। ତେବେ, ଜଳକା ଓ ବୁଢ଼ାବଳଙ୍ଗର ଜଳସ୍ତର ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି।



ଗୁରୁବାରଠାରୁ ଶୁକ୍ରବାର ସକାଳେ ୮ଟା ମଧ୍ୟରେ ସୁବର୍ଣ୍ଣରେଖା ନଦୀ ଅବବାହିକା ଅଞ୍ଚଳ ଜାମସେଦପୁରରେ ୧୦.୬ ଏମ୍ଏମ୍, ଘାଟଶିଳାରେ ୧୦.୨ ଏମ୍ଏମ୍, ଜାମଶୋଳାଘାଟରେ ୨୪.୨ ଏମ୍ଏମ୍, ଫେକଘାଟରେ *(ପୃଷ୍ଠା ୭ରେ)*

## ସରକାରୀ କାର୍ଯ୍ୟାଳୟରେ ବିଏସ୍ଏନ୍ଏଲ୍ ନେଟଓ୍ୱାର୍କ ବ୍ୟବହାର ବାଧ୍ୟତାମୂଳକ

ଭୁବନେଶ୍ୱର, ୫ା୯
ନ୍ୟୁଜ୍ ବ୍ୟୁରୋ


ସରକାରୀ ଅଫିସରେ ବିଏସଏନଏଲ ନେଟଓ୍ୱାର୍କ ବ୍ୟବହାର ବାଧ୍ୟତାମୂଳକ ହେବ। ଏନେଇ କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି ରାଜ୍ୟ ସରକାର। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ପରେ ସବୁ ବିଭାଗକୁ ଆଇଟି ଓ ଇଲେକ୍ଟ୍ରୋନିକ୍ସ ବିଭାଗ ଚିଠି ଲେଖିଛି। ଏଣିକି ସମସ୍ତ ସରକାରୀ ପ୍ରତିଷ୍ଠାନରେ ବିଏସଏନଏଲ ଇଣ୍ଟରନେଟ ବ୍ୟବହାର ହେବ। ଏଥିସହ ବିଏସଏନଏଲ ବ୍ରଡ଼ ବ୍ୟାଣ୍ଡ, ଲ୍ୟାଣ୍ଡଲାଇନ ଓ ଲିଜ ଲାଇନ ବ୍ୟବହାର ହେବ।

## ଏକାଳ ପଖାଳ



ଲଘୁଚାପ ପରେ ଲଘୁଚାପ
କଣ ହେଲାରେ ବାପ
ବରଷା ପାଣିରେ ବୁଡିଯାଏ ଜମି
ଚାଷୀ ଦେହେ ଆସେ କମ୍ପ
ଈଶ୍ୱରଙ୍କୁ ଆସ ଜପ
ପ୍ରବଳ ନବର୍ଷି ଝିପିଝିପି ହେଉ
ଚାଷକୁ ନକରି ଠପ ।

# ବିଶ୍ୱରେ ମାଡ଼ିଆସୁଛି ଆଉ ଏକ ସଙ୍କଟ



ନୂଆଦିଲ୍ଲୀ, ୫ା୯

ଜାତିସଂଘ ସାଧାରଣ ସଭାରେ ଭାରତ ୟୁକ୍ରେନର ପରିସ୍ଥିତି ଏବଂ ଯୁଦ୍ଧ ଯୋଗୁ ଇନ୍ଧନ ମୂଲ୍ୟ ଉପରେ ଚିନ୍ତା ପ୍ରକାଶ କରିଛି। ଭାରତ କହିଛି ଯେ, ଏହି ସଂଘର୍ଷ ଯୋଗୁ ଗ୍ଲୋବାଲ ସାଉଥ ଦେଶଗୁଡ଼ିକ ବହୁତ ପ୍ରଭାବିତ ହେଉଛନ୍ତି। କୂଟନୈତିକ ପ୍ରୟାସ ଦ୍ୱାରା ଋଷିଆ-ୟୁକ୍ରେନ ଯୁଦ୍ଧର ଅନ୍ତ କରାଯାଇ ପାରିବ ଏବଂ ସ୍ଥାୟୀ ଶାନ୍ତି ଅଣାଯାଇପାରିବ।

ଗ୍ଲୋବାଲ ସାଉଥ ସେହି ଦେଶଗୁଡ଼ିକୁ ବୁଝାଏ ଯେଉଁମାନଙ୍କୁ ପ୍ରାୟତଃ ବିକାଶଶୀଳ, କମ ବିକଶିତ କିମ୍ବା ଅନୁନ୍ନତ ବୋଲି କୁହାଯାଏ ଏବଂ ମୁଖ୍ୟତଃ ଆଫ୍ରିକା, ଏସିଆ ଏବଂ ଲାଟିନ ଆମେରିକାରେ ଅଛନ୍ତି। ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି, ରାଷ୍ଟ୍ରଦୂତ ପାର୍ବତୀନେନି ହରିଶ ୟୁକ୍ରେନର ପରିସ୍ଥିତି ବିଷୟରେ ଜାତିସଂଘରେ ଚିନ୍ତା ପ୍ରକାଶ କରି କହିଛନ୍ତି, ଆମେ ବିଶ୍ୱାସ କରୁ ଯେ ନିରୀହ ଜୀବନହାନି ଗ୍ରହଣୀୟ ନୁହେଁ ଏବଂ ଯୁଦ୍ଧକ୍ଷେତ୍ରରେ କୌଣସି ସମାଧାନ ମିଳିନାହିଁ।


'ୟୁକ୍ରେନର ଅଧିକୃତ ଅଞ୍ଚଳଗୁଡ଼ିକର ପରିସ୍ଥିତି' ଶୀର୍ଷକ ଉପରେ ମିଳିତ ଜାତିସଂଘ ସାଧାରଣ ସଭାରେ ଏକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାରେ ହରିଶ କହିଛନ୍ତି, ଭାରତ ଚିନ୍ତିତ ଯେ ଇନ୍ଧନ ମୂଲ୍ୟ ଏବଂ ଅନ୍ୟାନ୍ୟ ଜିନିଷଗୁଡ଼ିକ ସଂଘର୍ଷର ପରିଣାମସ୍ୱରୂପ ସମଗ୍ର ବିଶ୍ୱକୁ ପ୍ରଭାବିତ କରୁଛି, ବିଶେଷକରି ଗ୍ଲୋବାଲ ସାଉଥର ଦେଶଗୁଡ଼ିକୁ, ଯେଉଁମାନେ ନିଜ ଉପରେ ଛଡ଼ାଇ ଦିଆଯାଇଛି। ଆମେ ବିଶ୍ୱାସ କରୁ ଯେ ସେମାନଙ୍କ ସ୍ୱର ଶୁଣାଯିବା ଉଚିତ ଏବଂ ସେମାନଙ୍କର *(ପୃଷ୍ଠା ୭ରେ)*

# ଏନକାଉଣ୍ଟରରେ ୬ ମାଓବାଦୀ ନିହତ

ଛତିଶଗଡ, ୫ା୯

ଛତିଶଗଡ଼ର ବସ୍ତର ଜିଲ୍ଲା ଅନ୍ତର୍ଗତ ଥୁଲଥୁଲି ଜଙ୍ଗଲରେ ଶୁକ୍ରବାର ପୁଲିସ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟିଛି। ଏଥିରେ ଜଣେ ମହିଳା ମାଓବାଦୀଙ୍କ ସମେତ ୬ ମାଓବାଦୀ ନିହତ ହୋଇଛନ୍ତି।

ଥୁଲଥୁଲି ଜଙ୍ଗଲ ମାଓବାଦୀଙ୍କ ଆଡ୍ଡାସ୍ଥଳ ଭାବେ ପରିଚିତ। ଏଠାରେ ନିୟମିତ ବ୍ୟବଧାନରେ ପୁଲିସ ପକ୍ଷରୁ ମାଓବାଦୀ ଦମନ ଅଭିଯାନ କରାଯାଇଥାଏ। କିଛି ମାଓବାଦୀ ଜଙ୍ଗଲରେ ଆତ୍ମଗୋପନ କରିଥିବା ସୂଚନା ମିଳିବା ପରେ ଦାନ୍ତେଓ୍ୱାଡ଼ା ଏବଂ ନାରାୟଣପୁର ଜିଲ୍ଲାର ଡିଆରଜି ଓ ସ୍ପେଶାଲ ଟାସ୍କ ଫୋର୍ସ ପକ୍ଷରୁ ମିଳିତ ଅପରେସନ ଆରମ୍ଭ ହୋଇଥିଲା। ଏହି ସମୟରେ



ମାଓବାଦୀଙ୍କ ସହିତ ସୁରକ୍ଷାକର୍ମୀ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷ ମଧ୍ୟରେ ଗୁଳିବିନିମୟ ଘଟିବାରୁ ୬ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି।

ସନ୍ଧ୍ୟା ସୁଦ୍ଧା ଜଙ୍ଗଲରେ ଅପରେସନ ଜାରି ରହିଥିବା ଜଣାପଡ଼ିଛି। ଗତବର୍ଷ ଅକ୍ଟୋବର ମାସରେ ଏହି ଜଙ୍ଗଲରେ ଗୁଳିବିନିମୟ ଘଟିଥିଲା, ଯେଉଁଥିରେ ୩୮ ମାଓବାଦୀ ନିହତ ହୋଇଥିଲେ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଭାରତ ଓ ଚୀନ୍ ମଧ୍ୟରେ ବଢ଼ିଲା ବାଣିଜ୍ୟ କାରବାର

ଭାରତ ଏବଂ ଚୀନ୍ ମଧ୍ୟରେ ଦ୍ରୁତଗତିରେ ବାଣିଜ୍ୟ କାରବାର ବଢ଼ିବାରେ ଲାଗିଛି । କିନ୍ତୁ ଏହି ବ୍ୟାପାରରେ ଏବେ ବି ଚୀନ୍‌ର ସ୍ଥିତି ଅଧିକ ମଜବୁତ ରହିଛି । ଭାରତ ଏହି ବାଣିଜ୍ୟ କ୍ଷତିକୁ ନେଇ ଚିନ୍ତିତ ରହିଛି । ଏହା ସହିତ ଚୀନ୍ ବଜାରରେ ନିଜ ସାମଗ୍ରୀ ବିକିବା ଭାରତ ପାଇଁ କାଠିକର ହେଉଛି । ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ବିଶ୍ୱ ଅର୍ଥ ବ୍ୟବସ୍ଥାକୁ ସ୍ଥିର ରଖିବା ଲାଗି ଭାରତ ଏବଂ ଚୀନ୍‌କୁ ଏକାଠି କାମ କରିବାକୁ ହେବ । ପରସ୍ପରକୁ ସମ୍ମାନ ଏବଂ ଲାଭ ସହିତ ସମ୍ବନ୍ଧକୁ ଆଗକୁ ବଢ଼ାଇବା ପାଇଁ ଭାରତ ପ୍ରସ୍ତୁତ ରହିଛି । ଅନ୍ୟପଟେ ଘରୋଇ ଉତ୍ପାଦନକୁ ପ୍ରୋତ୍ସାହନ ଏବଂ ଚୀନ୍ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଭାରତ ସରକାର ଅନେକ ପଦକ୍ଷେପ ନେଉଛନ୍ତି । ତେବେ ଚୀନ୍ ସହ ବାଣିଜ୍ୟରେ ଭାରତର ଲାଭ କମ, କ୍ଷତି ଅଧିକ ହେଉଛି ।

ଚଳିତ ବର୍ଷ ଏପ୍ରିଲରୁ ଜୁଲାଇ ମଧ୍ୟରେ ଭାରତର ରପ୍ତାନୀ ୧୯.୯୭ ପ୍ରତିଶତ ବୃଦ୍ଧି ପାଇଛି । ଏହା ବୃଦ୍ଧି ପାଇ ୫.୭୫ ବିଲିୟନ ଡଲାର ହୋଇଯାଇଛି । ସେହିପରି ଆମଦାନୀ ୧୩.୦୬ ପ୍ରତିଶ ବଢ଼ି ୪୦.୬୫ ବିଲିୟନ ଡଲାର ହୋଇଛି । ୨୦୨୪-୨୫ରେ ଭାରତ ୧୪.୨୫ ବିଲିୟନ ଡଲାରର ରପ୍ତାନୀ କରିଥିଲା । ତେବେ ୧୧୩.୫ ବିଲିୟନ ଡଲାରର ଆମଦାନୀ କରାଯାଇଥିଲା । ଆମଦାନୀ ଏବଂ ରପ୍ତାନୀ ମଧ୍ୟରେ ଥିବା ଅନ୍ତରକୁ ବାଣିଜ୍ୟ କ୍ଷତି କୁହାଯାଏ ।

୨୦୦୩-୦୪ରେ ଏହା ୧.୧ ବିଲିୟନ ଡଲାର ଥିଲା । ମାତ୍ର ୨୦୨୪-୨୫ରେ ଏହା ବୃଦ୍ଧି ପାଇ ୯୯.୨ ବିଲିୟନ ଡଲାର (ପ୍ରାୟ ୮ ଲକ୍ଷ ୭୦ ହଜାର କୋଟି) ହୋଇଛି । ଗତ ଆର୍ଥିକ ବର୍ଷରେ ଚୀନ୍ ସହ ବାଣିଜ୍ୟ କ୍ଷତି ମୋଟ କ୍ଷତିର ପ୍ରାୟ ୩୫ ପ୍ରତିଶତ ଥିଲା । ଭାରତର ମୋଟ ବାଣିଜ୍ୟ କ୍ଷତି ୨୮୩ ବିଲିୟନ ଡଲାର ଥିଲା । ୨୦୨୩-୨୪ରେ ଏହି ଅନ୍ତର ୮୫.୧ ବିଲିୟନ ଡଲାର ଥିଲା । ଏହାକୁ ନେଇ ଚିନ୍ତା ଲାଗି ରହିଛି । ଥିଙ୍କଟ୍ୟାଙ୍କ ଜିଟିଆରଆଇ ଅନୁଯାୟୀ ଆମଦାନୀରେ ଚୀନ୍ ପ୍ରାୟ ସବୁ କ୍ଷେତ୍ରରେ ଭାରତଠାରୁ ଆଗରେ ରହିଛି । ଏଭଳି କିଛି ଔଷଧ ରହିଛି ଯାହାର ୯୭.୭ ପ୍ରତିଶତ ଭାଗ ଚୀନ୍ ଯୋଗାଣ କରୁଛି । ଉଦାହରଣ ସ୍ୱରୂପ ଏରିଥ୍ରୋମାଇସିନ ଭଳି ଆଣ୍ଟିବାୟୋଟିକ ଏଥିରେ ସାମିଲ ରହିଛି । ଇଲେକ୍ଟ୍ରୋନିକ୍ସରେ ଚୀନ୍ ସିଲିକନ୍ ୱେଫର୍ ୯୬.୮ ପ୍ରତିଶତ ଏବଂ ଫ୍ଲାଟ୍ ପ୍ୟାନେଲ୍ ଡିସ୍‌ପ୍ଲେର ୮୬ ପ୍ରତିଶତ ନିର୍ମାଣ କରୁଛି । ସୌରଶକ୍ତିରେ ୮୨.୭ ପ୍ରତିଶତ ସୌର ସେଲ୍ ଏବଂ ୭୫.୨ ପ୍ରତିଶତ ଲିଥିୟମ୍-ଆୟନ୍ ବ୍ୟାଟେରୀ ଚୀନ୍‌ରୁ ଆସୁଛି । ଲାପଟପ୍ (୮୦.୫ ପ୍ରତିଶତ), ଏମ୍ବ୍ରୋଡେରୀ ମେସିନ୍ (୯୧.୪ ପ୍ରତିଶତ) ଏବଂ ଭିସ୍କୋସ୍ ସୂତା (୯୮.୯ ପ୍ରତିଶତ) ଭଳି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଉପରେ ମଧ୍ୟ ଚୀନ୍ ପ୍ରାଧାନ୍ୟ ବିସ୍ତାର କରିଛି । ଜିଟିଆରଆଇ ପ୍ରତିଷ୍ଠାତା ଅଜୟ ଶ୍ରୀବାସ୍ତବଙ୍କ ଅନୁଯାୟୀ ବାଣିଜ୍ୟରେ ଚୀନ୍‌ର ପ୍ରାଧାନ୍ୟ ଭାରତ ପାଇଁ ସମସ୍ୟା ସୃଷ୍ଟି କରିପାରେ । ରାଜନୈତିକ ଉତ୍ତେଜନା ସମୟରେ ଚୀନ୍ ଯୋଗାଣ ବନ୍ଦ କରି ଭାରତ ଉପରେ ଚାପ ପକାଇପାରେ । ଚୀନ୍ କୁ ଭାରତର ରପ୍ତାନୀ ହ୍ରାସ ପାଉଛି । ତେଣୁ ଚୀନ୍ ଉପରେ ନିର୍ଭରଶୀଳତା ବୃଦ୍ଧି ପାଉଛି । ଦୁଇ ଦଶନ୍ଧି ପୂର୍ବେ ଦ୍ୱିପାକ୍ଷିକ ବାଣିଜ୍ୟରେ ଭାରତର ଅଂଶ ୪୨.୩ ପ୍ରତିଶତ ଥିଲା । ଏବେ ଏହା କେବଳ ୧୧.୨ ପ୍ରତିଶତ ରହିଛି ।

# ଭାଗବତ ଜନ୍ମ ଓ ଅତିବଡ଼ି ଜଗନ୍ନାଥ ଦାସ



ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ
ଭୁବନେଶ୍ୱର

ରାଜା କପିଳେନ୍ଦ୍ର ଦେବଙ୍କ ରାଜତ୍ୱ କାଳରେ ଶ୍ରୀଜଗନ୍ନାଥ ମନ୍ଦିରରେ ପୁରାଣପଣ୍ଡା ରୂପେ ନିଯୁକ୍ତ ହୋଇଥିଲେ କୌଶିକ ଗୋତ୍ରୀୟ ଶ୍ରୀ ନରୋତ୍ତମ ଦାଶ । ସେ ପୁରୀ ଜିଲ୍ଲା କପିଳେଶ୍ୱରପୁର ଶାସନରେ ଅବସ୍ଥାନ କରୁଥିଲେ । ବଂଶ ପରମ୍ପରାକ୍ରମେ ତାଙ୍କ ପୌତ୍ର ଭଗବାନ ଦାଶ ମଧ୍ୟ ଶ୍ରୀମନ୍ଦିରରେ ପୁରାଣପଣ୍ଡା ପଦରେ ଅଧିଷ୍ଠିତ ହୋଇଥିଲେ । ଭଗବାନ ଦାଶ ଓ ତାଙ୍କ ଧର୍ମପରାୟଣା ପତ୍ନୀ ପଦ୍ମାବତୀଙ୍କ କୋଳ ବହୁଦିନ ପର୍ଯ୍ୟନ୍ତ ଶୂନ୍ୟ ରହିଥିଲା । ବଂଶ ରକ୍ଷା ଉଦ୍ଦେଶ୍ୟରେ ଦୁହେଁ ନିଳାଦ୍ରି ବିହାରୀ ଶ୍ରୀଜଗନ୍ନାଥଙ୍କ ନିକଟରେ ବହୁ ଅନୁନୟ ବିନୟ ହୋଇ ସନ୍ତାନଟିଏ ପାଇଁ ପ୍ରାର୍ଥନା କଲେ । ଶେଷରେ ଭାବଗ୍ରାହୀ ପ୍ରଭୁ ଜଗନ୍ନାଥ ସେମାନଙ୍କ ଗୁହାରି ଶୁଣିଲେ । ଫଳରେ ଖ୍ରୀ: ୧୪୮୭ ଭାଦ୍ରବ ଶୁକ୍ଳ ଅଷ୍ଟମୀ ( ରାଧାଷ୍ଟମୀ) ବୁଧବାର, ଅନୁରାଧା ନକ୍ଷତ୍ର, ବୃଶ୍ଚିକ ଚନ୍ଦ୍ର, ମଧ୍ୟାହ୍ନ ମାହେନ୍ଦ୍ର ମୁହୂର୍ତ୍ତରେ ସୁନ୍ଦର ଶିଶୁଟିଏ ପଦ୍ମାବତୀଙ୍କ କୋଳମଣ୍ଡନ କଲା । ଶ୍ରୀଜଗନ୍ନାଥଙ୍କ କୃପାରୁ ଜନ୍ମ ନେଇ ଥିବାରୁ ପିତାମାତା ଶିଶୁଟିର ନାମ ଦେଲେ ଜଗନ୍ନାଥ । ବାଳକ ଜଗନ୍ନାଥଙ୍କର ୪ ବର୍ଷ ବୟସରେ କର୍ଣ୍ଣବେଧ ଓ ବିଦ୍ୟାରମ୍ଭ ତଥା ୮ବର୍ଷ ବୟସରେ ଉପନୟନ ସଂସ୍କାର ସମ୍ପନ୍ନ ହୋଇଥିଲା । ତାଙ୍କୁ ମାତ୍ର ୧୨ ବର୍ଷ ବୟସ ହୋଇଥିବା ବେଳେ ପିତା ଭଗବାନ ଦାଶ ତାଙ୍କ ବିବାହ ପାଇଁ ଉଦ୍ୟମ କରିଥିଲେ । କିନ୍ତୁ ଜଗନ୍ନାଥଙ୍କ ଠାରେ ବାଲ୍ୟକାଳରୁ ସ୍ୱାଭାବିକ ଭାବରେ ଆଧ୍ୟାତ୍ମିକ ଚେତନାର ଉନ୍ମେଷ ହୋଇଥିବା ହେତୁ ସେ ବିବାହ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ । ଜଗନ୍ନାଥ ଖୁବ୍ ଧୀର ଶାନ୍ତ ବିବେକଶୀଳ ଓ ମେଧାବୀ ଥିଲେ । ସେ ଅତି କମ୍ ବୟସରେ ରାମାୟଣ, ମହାଭାରତ ଓ ଶ୍ରୀମଦ୍ ଭାଗବତର ଟୀକାମାନ ଅଧ୍ୟୟନ କରି ବିପୁଳ ଜ୍ଞାନାର୍ଜନ କରିବା ସହିତ ବ୍ୟାକରଣ ଓ ବେଦବେଦାନ୍ତର ଅନେକାଂଶ କଣ୍ଠସ୍ଥ କରି ପାରିଥିଲେ । ଷଡ଼ଦର୍ଶନରେ ମଧ୍ୟ ତାଙ୍କର ଉତ୍ତମ ଅଧ୍ୟୟନ ଥିଲା ।

ଜଗନ୍ନାଥ ଯୌବନାବସ୍ଥାରେ ପଦାର୍ପଣ କରିବା ପୂର୍ବରୁ ମାତ୍ର ୧୫/୧୬ ବୟସ ବେଳକୁ ତାଙ୍କର ପିତୃବିୟୋଗ ଘଟିଥିଲା । କିଛି ବର୍ଷ ମଧ୍ୟରେ ସେ ଶ୍ରୀମନ୍ଦିରରେ ଭାଗବତ ପାଠରୂପୀ କୌଳିକ ବୃତ୍ତିକୁ ଅବଲମ୍ବନ କରି ମାତାଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ । କ୍ରମେ ସଂସାର ପ୍ରତି ତୀବ୍ର ବୈରାଗ୍ୟ ଜାତ ହେବାରୁ ସେ ଭଗବତ୍ ଆରାଧନାକୁ ଜୀବନର ଏକମାତ୍ର ଧ୍ୟେୟରୂପେ ଗ୍ରହଣ କରି ଆଜୀବନ ବ୍ରହ୍ମଚାରୀ ରହିଥିଲେ । ଭଗବତ୍ ବିଶ୍ୱାସ ଓ ଭକ୍ତି ହିଁ ଥିଲା ତାଙ୍କ ଜୀବନର ପାଥେୟ ।

**ମାତୃଭାଷାରେ ଭାଗବତ ରଚନା**

ଓଡ଼ିଆ ଭାଷାରେ ଭାଗବତ ରଚନା ହେବା ପୂର୍ବରୁ ସଂସ୍କୃତ ଭାଷାରେ ଭାଗବତ ପଢ଼ା ଯାଉଥିଲା । କିଂବଦନ୍ତୀ ଅଛି ଯେ ଥରେ ଜଗନ୍ନାଥ ଦାସଙ୍କ ମାଆ ଧର୍ମପରାୟଣା ପଦ୍ମାବତୀ କାର୍ତ୍ତିକ ମାସ ହବିଷ ସମୟରେ ଜନୈକ ପୁରାଣପଣ୍ଡାଙ୍କ ଠାରୁ ସଂସ୍କୃତ ଭାଗବତ ଶ୍ରବଣ କରୁଥିଲେ । ଏ ସମୟରେ ସେ ଏକ ଶ୍ଳୋକକୁ ଭଲ ଭାବରେ ବୁଝି ନ ପାରିବାରୁ ପୁରାଣପଣ୍ଡାଙ୍କୁ ତାର ଅର୍ଥ ବୁଝାଇବାକୁ ଅନୁରୋଧ କଲେ । ମାତ୍ର ବକ୍ତା ତାଙ୍କୁ ବୁଝାଇବା ପରିବର୍ତ୍ତେ ତାଙ୍କୁ ଜଣେ ସାଧାରଣ ମୂଢ଼ ନାରୀ ବୋଲି ଭାବି କେଇପଦ ତିରସ୍କାରପୂର୍ଣ୍ଣ ବାଣି ଶୁଣାଇଲେ । ପଦ୍ମାବତୀଙ୍କ ପତି ଭଗବାନ ଦାସ ଥିଲେ ପୂର୍ବତନ ପୁରାଣପଣ୍ଡା । ତେଣୁ ପୁରାଣପଣ୍ଡାଙ୍କ କଥା ତାଙ୍କୁ ବିଶେଷ ଭାବରେ ଆଘାତ ଦେଲା । ଘରକୁ ଫେରିଆସି ସେ ପୁତ୍ର ଜଗନ୍ନାଥ ନିକଟରେ ନିଜର ମନୋବେଦନା ପ୍ରକାଶ କରି କହିଲେ, ‘ ପୁଅରେ ! ତୁ ଏତେ ପାଠ ପଢ଼ିଛୁ, ଭାଗବତକୁ ତୁ କଣ ଆମ ବୁଝିବା ଭଳି ଭାଷାରେ ଲେଖି ପାରିବୁନାହିଁ ? ତୁ ଯଦି ଏତିକିକରି ପାରନ୍ତୁ ତେବେ ସେ ପୁରାଣପଣ୍ଡା ପାଖକୁ ମୁଁ ଆଉ ଭାଗବତ ଶୁଣିବାକୁ ଯାଆନ୍ତିନାହିଁ’ । ଯେଉ ଜଗନ୍ନାଥଙ୍କୁ ସେ ବଂଶ ରକ୍ଷା କରିବା ପାଇଁ ଜଗନ୍ନାଥଙ୍କୁ ଡାକି ଡାକି ପାଇଥିଲେ, ସେ ମାଆଙ୍କର ଏହି କଥାରେ ଅତ୍ୟନ୍ତ ବ୍ୟଥିତ ହେଲେ । ମାତା ପଦ୍ମାବତୀଙ୍କ ମଧ୍ୟରେ ସେ ଦେଖିଲେ ଉତ୍କଳର ଅଗଣିତ ନରନାରୀଙ୍କ ହୃଦୟର ବ୍ୟାକୁଳତା । ମନ ଭିତରେ ଏହା ତାଙ୍କୁ ବହୁ ମାତ୍ରାରେ ଆନ୍ଦୋଳିତ କଲା । ଯାହା କୁହାଯାଏ, ମହତ୍ କାର୍ଯ୍ୟ ପୃଷ୍ଠ ଭାଗରେ ଏକ ନାରୀର ଭୂମିକା ଥାଏ, ତାହା ଏଠାରେ ସ୍ପଷ୍ଟ ଭାବରେ ପ୍ରମାଣିତ ହେବାକୁ ଲାଗିଲା । ଜଗନ୍ନାଥ ଦାସଙ୍କୁ ଏହା ପ୍ରାକୃତ ( ଓଡ଼ିଆ) ଭାଷାରେ ଲେଖିବାର ପ୍ରେରଣା ଯୋଗାଇଲା । କେବଳ ପ୍ରେରଣା ତ ଏତେ ବଡ଼ ଦୁଷ୍ପ୍ରବେଶ୍ୟ ଗ୍ରନ୍ଥ ରଚନା କରିବା ସମ୍ଭବ ନୁହେଁ । ଏଥିପାଇଁ ଦରକାର ଆବଶ୍ୟକ ସାମର୍ଥ୍ୟ ଓ ଭଗବଦ୍ କୃପା । ଜନକଲ୍ୟାଣ ପାଇଁ ଏହାର ଉପାଦେୟତା ଅନସ୍ୱୀକାର୍ଯ୍ୟ ହୋଇଥିଲେ ମଧ୍ୟ ମନୁଷ୍ୟ ଜୀବନକୁ ସାର୍ଥକ କରିବା ବି ଆବଶ୍ୟକ । ଆତ୍ମୋଦ୍ଧାର ବି ଜୀବନର ଲକ୍ଷ୍ୟ । ଏହା ଭାବି ସେ ଜଗନ୍ନାଥଙ୍କ ସାହାଯ୍ୟ ଲୋଡ଼ିଲେ । ଦିନେ ରାତ୍ରିରେ ଶୟନ ପୂର୍ବରୁ ସେ ଭଗବାନଙ୍କୁ ପ୍ରାର୍ଥନା କଲେ, ‘ ହେ ପ୍ରଭୁ ! ମୋ ପ୍ରତି କୃପା କର । ଏ ଘୋର ସଂସାରରୁ ଉଦ୍ଧାର କରିବାକୁ ତୁମ ବ୍ୟତୀତ ମୋର ଅନ୍ୟ କେହି ନାହିଁ । ହେ ମହାବାହୁ ମୋ ଉଦ୍ଧାର ପାଇଁ କିଛି ଆଜ୍ଞା ହେଉ ।’

ଏହିପରି ନିବେଦନ କରି ସେ ଶୋଇ ପଡ଼ିଲେ । ଭାବଗ୍ରାହୀ ଭଗବାନ ତାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ ଭାଗବତର ପରମ୍ପରା ପ୍ରସଙ୍ଗ କହିବା ସଙ୍ଗେ ସଙ୍ଗେ ପ୍ରାକୃତ ଭାଷାରେ ଭାଗବତ ରଚନା କରିବା ପାଇଁ ନିର୍ଦ୍ଦେଶ ଦେଲେ । କିନ୍ତୁ ଏତେ ବଡ଼ ଦୁରୂହ କାର୍ଯ୍ୟ ପାଇଁ ସେ ତାଙ୍କର ଅସାମର୍ଥ୍ୟ ଜଣାଇବାରୁ ଭଗବାନ କହିଲେ— ‘ ତୁମେ ଭୟ କର ନାହିଁ । ତାଳପତ୍ର ଓ ଲେଖନୀ ଧରି ଲେଖିବା ଆରମ୍ଭ କର, ମୁଁ ତୁମ ହୃଦପଦ୍ମରେ ବିରାଜିତ ହୋଇ ପଦ ପରେ ପଦ କହିଦେବି ।’

ଏଥର ମାତାଙ୍କ ପ୍ରେରଣା ଓ ଭଗବାନଙ୍କ ଆଶୀର୍ବାଦର ସମନ୍ୱୟରେ ଭକ୍ତକବି ଜଗନ୍ନାଥ ନବାକ୍ଷରୀ ବୃତ୍ତରେ ବ୍ୟାସଦେବକୃତ ଭାଗବତର ଓଡ଼ିଆ ପଦ୍ୟାନୁବାଦ କାର୍ଯ୍ୟ ଶୁଭାରମ୍ଭ କଲେ । ଏହାକୁ ଅଧ୍ୟାୟେ ଅଧ୍ୟାୟେ ଅନୁବାଦ କରି ସେ ମାଆଙ୍କୁ ଶୁଣାଇଲେ । ଏହି ରଚନା ପାଇଁ ତାଙ୍କୁ ପାଞ୍ଚ ବର୍ଷ ଲାଗିଥିଲା । ସଂସ୍କୃତ ଜାଣି ନ ଥିବା ନରନାରୀ ନିଜ ଭାଷାରେ ସୁଶ୍ରାବ୍ୟ ଓ ସୁଲଳିତ ଛନ୍ଦରେ ଭାଗବତ ଶୁଣି ଅତ୍ୟନ୍ତ ଆନନ୍ଦିତ ହେଲେ । ଭାଗବତ ଚତୁର୍ଥ ସ୍କନ୍ଧ ଶେଷରେ ଜଗନ୍ନାଥ ଦାସ ଲେଖିଛନ୍ତି—

ଭଣଇ ବିପ୍ର ଜଗନ୍ନାଥ । ଏ କୃଷ୍ଣ ଆଜ୍ଞାରୁ ଉକତ ।।
ଗୁପତେ ବହୁକାଳ ଥିଲା । ହରି ଆଜ୍ଞାରୁ ଉଦେ ହେଲା ।।
ହରି ହରି ଭାବନା କରୁଁ । ସଂଶୟ ଛାଡ଼ିଲା ମନରୁ ।।
ସେ ବ୍ରହ୍ମ ଅନନ୍ତ ମହିମା । କେ କହିପାରେ ଗୁଣସୀମା ।।
ଅମୃତ ଚରିତ ଏ ବାଣୀ । ଶ୍ରବଣେ ନିସ୍ତରିବେ ପ୍ରାଣୀ ।।
ହୋଇବ ଭବବନ୍ଧ ନାଶ । ସୁଜନେ କୃଷ୍ଣପାଦେ ରସ ।।
ଚତୁର୍ଥ ସ୍କନ୍ଧ ହେଲା ଶେଷ । ହୃଦରେ ଚିନ୍ତ ହୃଷୀକେଶ ।।

ଜଣେ ବରେଣ୍ୟ ଭକ୍ତକବି ଭାବରେ ଜଗନ୍ନାଥଦାସଙ୍କ ସମ୍ମାନ ଅନସ୍ୱୀକାର୍ଯ୍ୟ । ତାଙ୍କର ରଚନା ମାଧ୍ୟମରେ ସେ ଓଡ଼ିଆ ଓ ସଂସ୍କୃତ କାବ୍ୟଭଣ୍ଡାରକୁ ସମୃଦ୍ଧ କରିଯାଇଛନ୍ତି । ଓଡ଼ିଶାର ସାମାଜିକ ତଥା ଆଧ୍ୟାତ୍ମିକ ଚେତନାର ପ୍ରାଣକେନ୍ଦ୍ର ‘ଭାଗବତ’ ବ୍ୟତୀତ ତାଙ୍କର ‘ଅର୍ଥ କୋଇଲି’, ‘ଗୁପ୍ତ ଭାଗବତ’, ‘ତୁଳା ଭିଣା’, ‘ଦାରୁବ୍ରହ୍ମ’, ‘ଦାରୁବ୍ରହ୍ମ ଗୀତା’, ‘ଶୈବାଗମ ଭାଗବତ’ ଇତ୍ୟାଦି ପ୍ରାୟ ଷାଠିଏ ଖଣ୍ଡରୁ ଉର୍ଦ୍ଧ୍ୱ ସଂଖ୍ୟକ ଓଡ଼ିଆ ରଚନା ଥିବାର ସୂଚନା ମିଳେ । ଏହା ଛଡ଼ା ତାଙ୍କର ସଂସ୍କୃତ ଭାଷାରେ କେତେକ ରଚନା ହେଉଛି ‘ନୀଳାଦ୍ରି ଶତକମ୍’, ‘ଉପାସନା ଶତକମ୍’, ‘କୃଷ୍ଣଭକ୍ତି କଳ୍ପଲତା’ ଇତ୍ୟାଦି । କଳିକ୍ଳିଷ୍ଟ ଜୀବନ ଯନ୍ତ୍ରଣାର ମହାତ୍ରାସରୁ ଉଦ୍ଧାର ପାଇବାର ଏହା ମହାର୍ଘ ଆଧ୍ୟାତ୍ମିକ ଉପଚାର । ଓଡ଼ିଆ ଭକ୍ତି ଭାବଧାରା ଓ ଧର୍ମୀୟ ଚିନ୍ତନରେ ଯୁଗାନ୍ତକାରୀ ଉନ୍ମେଷ ଘଟାଉଥିବା ଜ୍ଞାନ ଗଙ୍ଗା । ଏହା ବିବରଣ, ଆଖ୍ୟାନ, ଉପାଖ୍ୟାନ – ଆଧ୍ୟାତ୍ମିକ, ସାମାଜିକ, ପାରିବାରିକ, ବ୍ୟକ୍ତିଗତ ଜୀବନ ପାଇଁ ଅତୀବ ଉପାଦେୟ । ଭାଗବତ ଆମ ଭାଷା, ଭାବ ଓ ଚଳଣୀର ଦିଗ୍ଦର୍ଶକ । ଏହା ସରଳ, ସାବଲୀଳ, ଗୂଢ଼, ବୋଧ, ଏବଂ ତତ୍ତ୍ୱପୂର୍ଣ୍ଣ ମଧ୍ୟ ।

ଭାଗବତ ଦ୍ୱାଦଶ ଖଣ୍ଡ, ୩୩୫ଟି ପରିଚ୍ଛେଦ, ନବାକ୍ଷରୀ ଗୁଜ୍ଜରୀ ବୃତ୍ତରେ ରଚିତ । ୨ଟି ଚରଣରେ ଗୋଟିଏ ପାଦ । ଏହା ସର୍ବଜନ ବୋଧ ଲୌକିକ ପ୍ରାକୃତ ଭାଷାର ମିଶ୍ରଣରେ ଲିଖିତ ଏବଂ ଏହାର ଭାଷା ଶୁଦ୍ଧ, ସଂଯତ ଓ ମାର୍ଜିତ । ଭାଗବତର ପଦଗୁଡ଼ିକ ଆପ୍ତବାକ୍ୟ ପରି – ସାଂସାରିକ ଜଞ୍ଜାଳ , ଦୁଃଖସୁଖ, ବିପଦ ଆପଦରେ ଗୋଟିଏ ଗୋଟିଏ ପଦର ଦୃଷ୍ଟାନ୍ତ ଦେଇ ମନୁଷ୍ୟର ସମସ୍ୟାର ସମାଧାନ ହୋଇଯାଏ । ଯଥା – ‘ମଧୁର ବିନୟ ବଚନା/କହି ତୋଷିବ ଜନମନ ।’
‘ଧନ ଅର୍ଜିଲେ ଧର୍ମ କରି/ଧର୍ମେ ପ୍ରାପତ ନରହରି ।’
‘ଦୁର୍ଜନ ସଙ୍ଗେ କଲେ ବାସ/ଘଟିବ ଜାଣ ସର୍ବନାଶ ’
‘ଯେହୁ ପାଞ୍ଚଇ ପରମନ୍ଦ/ତା ମନ୍ଦ ପାଞ୍ଚନ୍ତି ଗୋବିନ୍ଦ ।’
‘ ମନ ତୋହର ନିଜଗୁରୁ/ଉଦ୍ଧବ କେତେ ତୁ ପଚାରୁ ।’

ସେ ସମୟର ସାମାଜିକ ସ୍ଥିତି, ମୋଗଲ ମରହଟ୍ଟା ମାନଙ୍କର ଅତ୍ୟାଚାରରେ ଲୋକମାନେ ତ୍ରାହି ତ୍ରାହି ଡାକୁଥିଲେ । ଓଡ଼ିଆ ଭାଗବତ ଏବଂ ଭାଗବତ ଟୁଙ୍ଗୀ ସେମାନଙ୍କ ମନରେ ଆଶା ସଞ୍ଚୟ କରାଇ ଆନନ୍ଦ ଆଣି ଦେଉଥିଲା । ନିରୀହ ଜନତା କେବଳ ଭାଗବତ ଦୁଇପଦ ପଢିବା ପାଇଁ ଅକ୍ଷର ଶିକ୍ଷା କରିଥିଲେ । ସାକ୍ଷରତା ବଢିବାର ମୂଳ କାରଣ ଥିଲା ଭାଗବତ । ଭାଗବତ ଟୁଙ୍ଗୀ ଥିଲା ଓଡିଆ ଜାତିର ପୁରାଣ ପାଠାଗାର, ପାଠଶାଳା, ନୈଶ ବିଦ୍ୟାଳୟ , ଗ୍ରାମ୍ୟ ବିଚାରାଳୟ ( ଲୋକ ଅଦାଲତ) । ଏହା ଥିଲା ପ୍ରତ୍ୟେକ ଗ୍ରାମର ଆଧ୍ୟାତ୍ମିକ ସ୍ପନ୍ଦନ । କାଳେ କାଳେ ବ୍ୟକ୍ତି ଓ ସମାଜ ଜୀବନକୁ ଶୃଙ୍ଖଳିତ, ସମନ୍ୱିତ, ସୁସଂହତ କରୁଥିବା ଗ୍ରନ୍ଥ ଭାଗବତ ।

ଜୀବନର ଭାବ, ରାଗ ଓ ତାଳର ସମନ୍ୱୟ ଏକମାତ୍ର ଗ୍ରନ୍ଥ ଭାଗବତ ଯାହାର ଜନ୍ମ ଦିନ ପାଳନ କରାଯାଏ । ସାରା ପୃଥିବୀରେ ଗୋଟିଏ ପୁସ୍ତକର ଜନ୍ମ ଦିନ ପାଳନ କରାଯିବା ଏକ ବିରଳ ଘଟଣା ।

ଭାଗବତକାର ଜଗନ୍ନାଥ ଦାସଙ୍କର ଏ ଅମୂଲ୍ୟ ଶବ୍ଦ କୋଣାର୍କ ସହଜ, ସରଳ, ସାବଲୀଳ ଭାବରେ ପାଞ୍ଚଶତ ବର୍ଷରୁ ଉର୍ଦ୍ଧ୍ୱ ଓଡିଆ ଜନଜୀବନର ଜୀବନ ପ୍ରବାହକୁ ପ୍ରଭାବିତ, ଆନ୍ଦୋଳିତ କରି ବାନ୍ଧି ରଖିଛି । ଅନ୍ୟ ସବୁପୁରାଣ ମଳିନ ହୋଇ ଆସୁଥିବାବେଳେ ଭାଗବତର ପ୍ରତ୍ୟେକ ଆପ୍ତବାକ୍ୟ ଜୀବନ୍ତ ହୋଇ ରହିଛି । ସେ ମହାନ କବିଙ୍କୁ ଆଭୂମ ପ୍ରଣିପାତ ।

# ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ କାହିଁକି ଏ ଦୂରତା ?

ପ୍ରଜ୍ଞା ପ୍ରସାଦ ତଥାଗତ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ରମ୍ଭା, ଗଞ୍ଜାମ

ମାନବ ସଭ୍ୟତାର ଇତିହାସକୁ ଯେତେବେଳେ ପୁନଃନିରୀକ୍ଷଣ କରାଯାଏ, ତେବେ ଆମକୁ ଦେଖାଯାଏ “ଜ୍ଞାନର ପରମ୍ପରା ।” ଏହି ପରମ୍ପରାର କେନ୍ଦ୍ରରେ ଥିଲେ ଗୁରୁ ଓ ଶିଷ୍ୟ । ଗୁରୁ ସେତେବେଳେ କେବଳ ପାଠଦାତା ନଥିଲେ ବରଂ ସେ ଥିଲେ ଶିଷ୍ୟ ଜୀବନର ଏକ ମହତ୍ୱପୂର୍ଣ୍ଣ ଅଙ୍ଗ, ଶିଷ୍ୟଙ୍କ ପାଇଁ ଏକମାତ୍ର ମାର୍ଗନିର୍ଦ୍ଦେଶକ । ସେତେବେଳେ ପିତାମାତାଙ୍କ ଭୂମିକା ଏହି ଦିଗରେ ବହୁତ ସୀମିତ ଥିଲା । ଶିଷ୍ୟ ମଧ୍ୟ ଗୁରୁଙ୍କ ପ୍ରତି ଅନୁରୂପ ଭାବରେ ସମର୍ପିତ ଥିଲେ ।

କିନ୍ତୁ ପ୍ରଶ୍ନ ହେଉଛି—ଏହି ଅମୂଲ୍ୟ ସମ୍ପର୍କରେ ଆଜି ଦୂରତା କାହିଁକି ? କାହିଁକି ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଆଜି ସେହି ପବିତ୍ରତା, ସେହି ସ୍ନେହ, ସେହି ଶ୍ରଦ୍ଧା,ସେହି ସମର୍ପଣ ନାହିଁ ?

ଭାରତର ପ୍ରାଚୀନ ଶିକ୍ଷାପ୍ରଣାଳୀ ଥିଲା ‘ଗୁରୁକୁଳ ପ୍ରଥା’ । ସେଠି ଶିଷ୍ୟ, ଗୁରୁଙ୍କ ଆଶ୍ରମରେ ରହି, ତାଙ୍କ ସେବା କରି, ସେମାନଙ୍କ ଆଦର୍ଶକୁ ଅନୁସରଣ କରୁଥିଲେ । ଗୁରୁ ମଧ୍ୟ ନିଜ ଶିଷ୍ୟଙ୍କୁ କେବଳ ପାଠ୍ୟବିଷୟରେ ଶିକ୍ଷା ଦେଉନଥିଲେ, ସେ ତାଙ୍କୁ ମାନବୀୟ ମୂଲ୍ୟ, ନୀତି, ଆଦର୍ଶ, ଧର୍ମ, ସାହସ ଓ ସତ୍ୟର ପଥରେ ଅଗ୍ରଗାମୀ କରାଉଥିଲେ । ଶିଷ୍ୟ ପାଇଁ ଗୁରୁ ହେଉଥିଲେ ଦ୍ୱିତୀୟ ମାତାପିତା । ଗୁରୁଙ୍କ ପ୍ରତି ଶିଷ୍ୟଙ୍କ ସମ୍ମାନବୋଧ ଓ ଶିଷ୍ୟଙ୍କ ପ୍ରତି ଗୁରୁଙ୍କ ସ୍ନେହ କେବଳ ଔପଚାରିକ ମାତ୍ର ନଥିଲା ବରଂ ଆଚରଣରେ ବ୍ୟକ୍ତ ହେଉଥିଲା ।

ଆଜିକାଲିର ଶିକ୍ଷା ବ୍ୟବସ୍ଥାରେ, ସେହି ଗଭୀର ସମ୍ମାନ ଓ ସ୍ନେହ ସ୍ଥାନରେ ଏକ ପେଶାଦାରି ମନୋଭାବ ପ୍ରବେଶ କରିଛି । ଗୁରୁଙ୍କୁ ଆଜି “ଟିଚର/ସାର’’ବୋଲି କୁହାଯାଉଛି, ଯାହାଙ୍କର କାମ କେବଳ ପାଠ୍ୟପୁସ୍ତକର ନିର୍ଦ୍ଦିଷ୍ଟ ଅଂଶକୁ ପଢ଼ାଇବା, ପରୀକ୍ଷାରେ ଭଲ ନମ୍ବର ଆଣିବା ପାଇଁ ଶିଷ୍ୟକୁ ପ୍ରସ୍ତୁତ କରାଇବା ପର୍ଯ୍ୟନ୍ତ ସୀମିତ ହୋଇଯାଇଛି । ଏପରିକି ଶିଷ୍ୟମାନେ ମଧ୍ୟ ଗୁରୁଙ୍କୁ ‘ମାର୍କ୍ସ’ ଦେବାର ଏକ ଉପକରଣ ବୋଲି ଭାବୁଛନ୍ତି । ଏହି ବ୍ୟାପାରଭିତ୍ତିକ ବାତାବରଣ, ଏହି ସ୍ୱାର୍ଥପର ଦୃଷ୍ଟିଭଙ୍ଗୀହିଁ—ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଦୂରତା ସୃଷ୍ଟି କରିଛି । ଆଜି “ଗୁରୁଶିଷ୍ୟରୁ’’ ଆମେ “ଶିକ୍ଷକ-ଛାତ୍ର’’ଯୁଗରେ ପହଞ୍ଚିଯାଇଛୁ । ଯା ଭିତରେ ଗୁରୁ “ମାଷ୍ଟ୍ର’’ବି ହୋଇସାରିଲେଣି ।

ସାମାଜିକ ମନୋଭାବରେ ପରିବର୍ତ୍ତନ ମଧ୍ୟ ଏଥିରେ ବଡ଼ ଭୂମିକା ନେଇଛି । ପୂର୍ବକାଳରେ ପିତାମାତା ନିଜ ସନ୍ତାନକୁ ଗୁରୁଙ୍କ ହସ୍ତେ ସମର୍ପଣ କରୁଥିଲେ ଏବଂ ସେମାନେ ବିଶ୍ୱାସ କରୁଥିଲେ—“ଗୁରୁଙ୍କ ଆଶୀର୍ବାଦରେ ଶିଷ୍ୟ ସର୍ବୋତ୍କୃଷ୍ଟ ମାନବ ହେବ ।” କିନ୍ତୁ ଆଜି ପିତାମାତାମାନେ ଶିକ୍ଷକଙ୍କୁ “ପରୀକ୍ଷା ଫଳାଫଳରେ’’ ମାପିବାରେ ବ୍ୟସ୍ତ । ଉପରିସ୍ଥ ଅଧିକାରୀଙ୍କ ମନୋଭାବ ଓ ସରକାରୀ ଉଦାସୀନତା ମଧ୍ୟ ଏଥିପାଇଁ କିଛି କମ ଦାୟୀ ନୁହେଁ । ପିତାମାତାଙ୍କ ପ୍ରଥମ ଆଶା—ସନ୍ତାନ ଉଚ୍ଚ ନମ୍ବର ରଖିବ, ଭଲ ଚାକିରି ପାଇବ, ସମାଜରେ ପ୍ରତିଷ୍ଠିତ ହେବ । ଏହି ମାନସିକତାର ଚରମ ପରିଣତିରେ ‘ଜୀବନମୂଲ୍ୟ’ ତଥା ‘ନୀତି ଓ ନୈତିକ’ ଶିକ୍ଷା ଧୀରେ ଧୀରେ ଅବକ୍ଷୟମୁଖୀ ହେଉଛି ।

ତା’ପରେ ଟେକ୍ନୋଲଜିର ପ୍ରଭାବ ! ପୂର୍ବରୁ ଯେଉଁ ଜ୍ଞାନକୁ ପାଇବା ପାଇଁ ଗୁରୁଙ୍କ ଆଶ୍ରୟ ନେବାକୁ ପଡୁଥିଲା, ତାହା ଆଜି ଇଣ୍ଟରନେଟରେ, ମୋବାଇଲ ସ୍କ୍ରିନରେ, ଗୋଟେ କ୍ଲିକ୍‌ରେ ଉପଲବ୍ଧ । “ଗୁରୁଙ୍କ ବିନା ମଧ୍ୟ ଆମେ ସମର୍ଥ”-ଏହି ଭାବନାରେ ସମ୍ପୂର୍ଣ୍ଣ ସମାଜ ବନ୍ଧା । ଏହି ଅଭିମାନ, ଏହି ଅତିଆତ୍ମବିଶ୍ୱାସ, ସେମାନଙ୍କୁ ଗୁରୁଙ୍କୁ ସମ୍ମାନ କରିବାରୁ ଦୂରେଇଦେଇଛି ।

କିନ୍ତୁ ପ୍ରଶ୍ନ ହେଉଛି—ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଏହି ଦୂରତା ଯଦି ଅଧିକ ଲମ୍ବା ଓ ଦୀର୍ଘସ୍ଥାୟୀ ହୁଏ, ତେବେ ଆଗାମୀ ପିଢ଼ି କିପରି ମାନବୀୟତାର ପଥରେ ଆଗକୁ ବଢ଼ିବେ ? କିପରି ସମାଜରେ ନୀତି, ଆଦର୍ଶ, ସମ୍ମାନ ଓ ମୂଲ୍ୟବୋଧର ପ୍ରତିଷ୍ଠା ହେବ ? ଗୁରୁ-ଶିଷ୍ୟ ସମ୍ପର୍କ କେବଳ ପାଠ୍ୟକ୍ରମରେ ସୀମାବଦ୍ଧ ହେବା ଉଚିତ ନୁହେଁ । ଏହା ହେଉଛି ଜୀବନର ସତ୍ୟକୁ ଅନ୍ୱେଷଣ କରିବାର ପଥ । ଶିଷ୍ୟର ପ୍ରତିଶ୍ରୁତି ହେବା ଉଚିତ୍— ଗୁରୁଙ୍କୁ କେବଳ ଶିକ୍ଷକ ଭାବେ ନୁହେଁ, ଜୀବନର ଆଲୋକବର୍ତ୍ତିକା ଭାବେ ଦେଖିବା । ଗୁରୁଙ୍କ ଭିତରେ ମଧ୍ୟ ସେହି ଆଦର୍ଶବାଦୀତାର ଭାବନା, ସେହି ସ୍ନେହ, କର୍ତ୍ତବ୍ୟ ପ୍ରତି ସେହି ସମର୍ପଣ ଭାବ ପୁନର୍ଜୀବିତ ହେବା ଦରକାର ।

ଆଜିର ଦୂରତାକୁ କମ କରିବା ପାଇଁ ଦୁହିଁଙ୍କ ପକ୍ଷରୁ ପ୍ରୟାସ ଆବଶ୍ୟକ । ସମାଜ, ପରିବାରର ମଧ୍ୟ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଗୁରୁଙ୍କୁ ମନେ ରଖିବା ଦରକାର—ସେମାନେ କେବଳ ସରକାରୀ କର୍ମଚାରୀ ନୁହଁନ୍ତି, ସମାଜ ଗଢ଼ିବାର କାରିଗର ଅଟନ୍ତି, ବିଶ୍ୱକର୍ମା ଅଟନ୍ତି । ଶିଷ୍ୟମାନେ ମଧ୍ୟ ବୁଝିବା ଦରକାର—ପୁସ୍ତକ ଓ ଇଣ୍ଟରନେଟରୁ ତ ଜ୍ଞାନ ମିଳିପାରିବ, କିନ୍ତୁ ଜୀବନରେ ସଠିକ ମାର୍ଗଦର୍ଶନ କେବଳ ଗୁରୁଙ୍କ ପାଖରୁ ହିଁ ମିଳିବ । ସେହିପରି, ଗୁରୁ-ଶିଷ୍ୟ ସମ୍ପର୍କକୁ ପୁନଃସ୍ଥାପନ କରିବା ହେଉଛି ସାମ୍ପ୍ରତିକ ସମାଜର ପ୍ରଥମ କର୍ତ୍ତବ୍ୟ । ଯେପର୍ଯ୍ୟନ୍ତ ଏହା ପୁନଃପ୍ରତିଷ୍ଠା ନ ହୋଇଛି, ସେପର୍ଯ୍ୟନ୍ତ ଆମ ସଭ୍ୟତା, ଆମ ସମାଜ, ଆମ ରାଷ୍ଟ୍ରୀୟ ସମ୍ପନ୍ନତା ଅପୂର୍ଣ୍ଣ ହୋଇରହିଥିବ ।

# ସମାଜର ଶ୍ରେଷ୍ଠ ପୁରୁଷ ଗୁରୁ



ଚିତ୍ତରଞ୍ଜନ ପୃଷ୍ଟି
ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

ସମାଜରେ ଶ୍ରେଷ୍ଠ ପୁରୁଷ ହେଉଛନ୍ତି ଗୁରୁ । ଗୁରୁଙ୍କ ସ୍ଥାନ ସର୍ବାଗ୍ରେ । ଗୁରୁବିନା ଜ୍ଞାନ ଲାଭ କରିବା ଅସମ୍ଭବ । ଗୁରୁଙ୍କ ଆଶୀର୍ବାଦରେ ଶିଷ୍ୟ ଶୀର୍ଷ ସ୍ଥାନରେ ପହଞ୍ଚିଥାଏ । ସମାଜରେ ଶିଷ୍ୟ ମନରୁ ଅଜ୍ଞାନ ଅନ୍ଧକାର ଦୂରକରି ଜ୍ଞାନର ଆଲୋକ ଭରି ଦେଉଥିବା ବ୍ୟକ୍ତି ହେଉଛନ୍ତି ଗୁରୁ । ମନରୁ ଅହଂକାର ଦୂରକରି ମୋକ୍ଷ ପ୍ରାପ୍ତି ନିମନ୍ତେ ମାର୍ଗ ଦେଖାଉଥିବା ବ୍ୟକ୍ତିହିଁ ଗୁରୁ ଅଟନ୍ତି । ଅଜ୍ଞାନତା ମଣିଷର ଏକ ବଡ ଶତ୍ରୁ ଅଟେ । ମନରୁ ଅଜ୍ଞାନତା ଦୂରକରି ସତ୍ୟ ଅହିଂସା ପଥରେ ଅଗ୍ରସର ହେବାପାଇଁ ହିତୋପଦେଶ ଦେଉଥିବ ବ୍ୟକ୍ତି ହେଉଛନ୍ତି ଗୁରୁ । ଗୁରୁବିନା ସତ୍ ଜ୍ଞାନ ଲାଭ କରିବା ଅସମ୍ଭବ । ଗୁରୁହିଁ ପ୍ରେରଣାର ଉତ୍ସ । ବିନାଗୁରୁରେ କେହିକେବେ ଜ୍ଞାନୀ ପଦବାଚ୍ୟ ହୋଇପାରିନଥାଏ । କୋମଳମତି ଶିଶୁମାନଙ୍କର ଜ୍ଞାନର ପ୍ରଦୀପକୁ ପ୍ରଜ୍ୱଳିତ କରିପାରୁଥିବା ବ୍ୟକ୍ତିହିଁ ହେଉଛନ୍ତି ଗୁରୁ । ଶିଖିବାରେ ନିଷ୍ଠା ରଖୁଥିବା ବ୍ୟକ୍ତି ହିଁ ଜଣେ ଯୋଗ୍ୟ ଗୁରୁ ହୋଇଥାନ୍ତି । ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଭାଷାରେ- ‘ନିଜକୁ ଯେ ନିରନ୍ତର ଶିଷ୍ୟ ରୂପେ ଗଣେ, ନିଶ୍ଚୟ ସେ ଯୋଗ୍ୟତମ ଗୁରୁ ମଧ୍ୟେ ଜଣେ ।’ ତେଣୁ ଶାସ୍ତ୍ରରେ କୁହାଯାଇଛି

‘ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ, ଗୁରୁ ଦେବ ମହେଶ୍ୱର;
ଗୁରୁ ସାକ୍ଷାତ ପରମ ବ୍ରହ୍ମ, ତସ୍ମୈଶ୍ରୀ ଗୁରବେ ନମଃ’ ।

ଗୁରୁ ହେଉଛନ୍ତି ସ୍ୱୟଂ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କର ଚଳନ୍ତି ପ୍ରତିମା । ଗୁରୁ ହେଉଛନ୍ତି ପରମବ୍ରହ୍ମ । ଗୁରୁ ଓ ଇଶ୍ୱର ମଧ୍ୟରେ ଭିନ୍ନ ଭିନ୍ନ ଭାବ ନ ଆଣି ଗୁରୁଙ୍କୁ ଯଥାର୍ଥରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ସମନ୍ୱୟ ବୋଲି ଜ୍ଞାନ କରାଯାଏ । କାରଣ ବ୍ରହ୍ମା ସୃଷ୍ଟି କର୍ତ୍ତା, ବିଷ୍ଣୁ ପାଳନ କର୍ତ୍ତା ଏବଂ ମହେଶ୍ୱର ସଂହାର କର୍ତ୍ତା ବୋଲି ବିଶ୍ୱାସ କରାଯାଏ । ଠିକ୍ ସେହିପରି ଗୁରୁଶକ୍ତି ଜୀବମାନଙ୍କ ମଧ୍ୟରେ ଥିବା କୁସଂସ୍କାରକୁ ଦୂର କରି ପାପ, ତାପ, ଶାପକୁ ନିଜର ଅଲୌକିକ ଦିବ୍ୟ ଶକ୍ତି ଦ୍ୱାରା ଶିଷ୍ୟଠାରୁ ହରଣ କରାଇ ସତ୍ ଚେତନା ଓ ଦିବ୍ୟ ଗୁଣାବଳୀରେ ଗଢ଼ି ତୋଳିଥାନ୍ତି । ଯୁଗେ ଯୁଗେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଗୁରୁ ନିଜ ଜୀବନକୁ ଉତ୍ସର୍ଗୀକୃତ କରି ଶିଷ୍ୟର ମଙ୍ଗଳ କାମନା କରିଥାନ୍ତି । ଶିଷ୍ୟର ସମସ୍ତ ପ୍ରକାର ଦ୍ୱନ୍ଦ୍ୱକୁ ଦୂରକରି ଉତ୍ତମ ଦିଗଦର୍ଶନ ଦେଇଥାନ୍ତି ।

ଗୁରୁ ହେଉଛନ୍ତି ଶିକ୍ଷାଦାତା, ପ୍ରେରଣାଦାତା, ସତ୍ୟମାର୍ଗ ପ୍ରଦର୍ଶକ । ଗୁରୁ ହେଉଛନ୍ତି ଶାଶ୍ୱତ । ଏକ ଆଦର୍ଶ ସମାଜ ଗଠନରେ ଗୁରୁଙ୍କ ଭୂମିକା ଅତୁଳନୀୟ । ସମାଜର କଲ୍ୟାଣ ସାଧନ କରିବା, ସାମାଜିକ ମୁଲ୍ୟବୋଧର ସୁରକ୍ଷା କରିବା ଜଣେ ଆଦର୍ଶ ଗୁରୁଙ୍କର ପରମ କର୍ତ୍ତବ୍ୟ ଅଟେ । ଗୁରୁ ଯିଏକି ଅଜ୍ଞାନ ରୂପକ ଅନ୍ଧକାରକୁ ଦୂରକରି ଜ୍ଞାନ ରୂପକ ଆଲୋକ ପ୍ରଦାନ କରନ୍ତି । ଗୁରୁ ଜ୍ଞାନ ପ୍ରଦାନ କରିବା ସହିତ ଶିଷ୍ୟ ମାନଙ୍କ ମନରେଥିବା ଅନ୍ତର୍ନିହିତ ସୃଜନୀ ଶକ୍ତିକୁ ବିକଶିତ କରିଥାନ୍ତି । ଗୁରୁ ସର୍ବଦା ଶିଷ୍ୟର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ତାର ଭବିଷ୍ୟତକୁ ଉତ୍ତମ ଭାବେ ଗଢିତୋଳିବା ପାଇଁ ନିରନ୍ତର ଚେଷ୍ଟା କରନ୍ତି । ପିତାମାତା ଆମକୁ ଜନ୍ମ ଦେଇଥାନ୍ତି କିନ୍ତୁ ଜୀବନର ମାର୍ଗ ଦର୍ଶନ କରାଉଥିବା ବ୍ୟକ୍ତି ହେଉଛନ୍ତି ଗୁରୁ । ଯିଏ ଆମକୁ କୌଣସି ବିଷୟରେ ଜ୍ଞାନ ପ୍ରଦାନ କରିବା ସହିତ କାର୍ଯ୍ୟ କରିବା ଏବଂ ଜୀବନ ବଞ୍ଚିବାର କଳା କୌଶଳ ଶିଖାନ୍ତି ସେ ଆମର ଗୁରୁ ଅଟନ୍ତି । ଏଥିପାଇଁ ଗୁରୁଙ୍କ ମହତ୍ୱକୁ ଦର୍ଶାଇ ମହାନ ସନ୍ଥ କବୀର ଦାସ କହିଛନ୍ତି-

‘ଗୁରୁ ଗୋବିନ୍ଦ ଦୋନୋ ଖଡେ,କାକେ ଲାଗୁଁ ପାୟ
ବଲିହାରି ଗୁରୁ ଆପନେ ଗୋବିନ୍ଦ ଦିୟୋ ବତାୟ’ ।

ଭଗବାନଙ୍କଠାରୁ ଅଧିକ ମହତ୍ୱପୂର୍ଣ୍ଣ ସ୍ଥାନ ଗୁରୁଙ୍କର ହୋଇଥାଏ । ଗୁରୁ ଭଗବାନଙ୍କୁ ପାଇବାର ମାର୍ଗ ଦେଖାଇଥାନ୍ତି । ଗୁରୁ ସର୍ବଦା ଶିଷ୍ୟର ମଙ୍ଗଳ କାମନା କରନ୍ତି । ଗୁରୁଙ୍କଠାରୁ ଉତ୍ତମ ଶିକ୍ଷାପାଇ ଯେ କେହି ଉତ୍ତମ ନାଗରିକ ହୋଇପାରନ୍ତି । ଗୁରୁ ପିତାମାତାଙ୍କ ଠାରୁ ଉର୍ଦ୍ଧ୍ୱରେ । ଗୁରୁଙ୍କୁ ସର୍ବଦା ଇଶ୍ୱରଙ୍କ ସହିତ ତୁଳନା କରାଯାଇଛି । ଗୁରୁ ସର୍ବଦା ନମସ୍ୟ ଓ ପୂଜ୍ୟ ହୋଇଥାନ୍ତି । ଗୁରୁ ହେଉଛନ୍ତି ମହାନ ପୁରୁଷ । ତେଣୁ ଭାଗବତରେ କୁହାଯାଇଛି-

‘ଗୁରୁଙ୍କୁ ନମଣିବ ନର/ଗୁରୁ ହିଁ ସାକ୍ଷାତ ଈଶ୍ୱର’ ।

ସେହିଭଳି ଜଣେ ମହାନ ଗୁରୁ ହେଉଛନ୍ତି ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡଃ ସର୍ବପଲ୍ଲୀ ରାଧାକୃଷ୍ଣନ । ରାଧାକୃଷ୍ଣନ ଏକାଧାରରେ ଜଣେ ସୁଗୁରୁ, ଶିକ୍ଷାବିତ୍, ଛାତ୍ରବତ୍ସଳ ଶିକ୍ଷକ, ଦାର୍ଶନିକ ଓ କୁଟନୀତିଜ୍ଞ ଭାବେ ବେଶ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କର ଜୀବନ ଶିକ୍ଷାର ବିକାଶରେ ସମର୍ପିତ ଥିଲା । ୧୮୮୮ ସେପ୍ଟେମ୍ବର ୫ ତାରିଖରେ ତାମିଲନାଡୁର ତିରୁତ୍ତାଣି ଠାରେ ଜନ୍ମଗ୍ରହଣ କରିଥିଲେ ଏହି ମହାନ ବ୍ୟକ୍ତିତ୍ୱ । ୧୯୬୨ ମସିହାରେ ଡଃ ସର୍ବପଲ୍ଲୀ ରାଧାକୃଷ୍ଣନ ଭାରତର ରାଷ୍ଟ୍ରପତି ପଦ ମଣ୍ଡନ କରିବା ଅବସରରେ ତାଙ୍କର କେତକ ଶୁଭ ଚିନ୍ତକ ବନ୍ଧୁ ଓ ପୁରାତନ ଛାତ୍ର ତାଙ୍କ ଜନ୍ମଦିନକୁ ଆଡ଼ମ୍ବର ସହକାରେ ପାଳନ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ; କିନ୍ତୁ ସେ ଏହି ଦିନକୁ ଗୁରୁଦିବସ ଭାବେ ସମଗ୍ର ଭାରତବର୍ଷରେ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ । ସୁତରାଂ ସେପ୍ଟେମ୍ବର ୫ ତାରିଖ ୧୯୬୨ ମସିହା ଠାରୁ ତାଙ୍କର ପବିତ୍ର ଜନ୍ମଦିବସକୁ ‘ଗୁରୁ ଦିବସ’ ଭାବରେ ଜାତୀୟସ୍ତରରେ ପାଳନ କରିବା ପାଇଁ ଭାରତ ସରକାର ଘୋଷଣା କରିଥିଲେ । ଗୁରୁଶିଷ୍ୟ ପରମ୍ପରାର ଅପୂର୍ବ ନିଦର୍ଶନ ସ୍ୱରୂପ ଏହି ଦିବସ ପାଳିତ ହୋଇ ଆସୁଛି । ଶିକ୍ଷା ପ୍ରତି ଡଃ ରାଧାକୃଷ୍ଣନର ଅବଦାନକୁ ମନେରଖିବା ପାଇଁ ତାଙ୍କ ଜନ୍ମ ଦିବସକୁ ଗୁରୁ ଦିବସ ଭାବେ ପାଳନ କରାଯାଉଛି । ରାଧାକୃଷ୍ଣନଙ୍କ ଆଦର୍ଶ ଓ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ଭାରତର ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ତାଙ୍କୁ ‘ଜାତୀୟ ଗୁରୁ’ ଭାବରେ ଗ୍ରହଣ କରିଥିଲେ । କାରଣ ସେ ହିନ୍ଦୁ ଦର୍ଶନ ଓ ସଂସ୍କୃତି ସମ୍ବନ୍ଧୀୟ ଅନ୍ଧକାର ବିଶ୍ୱବାସୀଙ୍କ ମନରୁ ଦୂରୀଭୂତ କରିଥିଲେ ।

ଭାରତୀୟ ଓ ଉତ୍କଳୀୟ ସଂସ୍କୃତି ହିଁ ଗୁରୁ-ଶିଷ୍ୟ ପରମ୍ପରା ଉପରେ ପ୍ରତିଷ୍ଠିତ । ଭାରତର ଇତିହାସର ପୃଷ୍ଠା ଉନ୍ମୋଚନ କଲେ ଏକ ଆଦର୍ଶ ଶିକ୍ଷା ପଦ୍ଧତିର ଦର୍ଶନ ହୁଏ । ବିଦ୍ୟାର୍ଥୀମାନେ ଗୁରୁକୁଳ ଆଶ୍ରମରେ ଶିକ୍ଷାଲାଭ କରୁଥିଲେ । ସେଇଥିପାଇଁ ରାମାୟଣ, ମହାଭାରତ, ବେଦ, ଉପନିଷଦ, ଗୀତା ଓ ଭାଗବତରେ ଗୁରୁକୁଳ ଆଶ୍ରମର ମହନୀୟତା ବିଷୟରେ ବର୍ଣ୍ଣନା କରାଯାଇଛି । ବିଦ୍ୟାର୍ଥିମାନଙ୍କୁ କର୍ମ କୁଶଳତା, ଜୀବନ ପଦ୍ଧତି, ନୈତିକତା, ମୁଲ୍ୟବୋଧ ଭିତ୍ତିକ ଶିକ୍ଷା ଦିଆଯାଉଥିଲା । ଗୁରୁକୁଳ ଆଶ୍ରମରେ ଶିଷ୍ୟମାନେ ଗୁରୁମାନଙ୍କୁ ଉପଯୁକ୍ତ ସମ୍ମାନ ଦେଉଥିଲେ । ଗୁରକୁଳ ଆଶ୍ରମରେ ବ୍ୟକ୍ତି ଓ ସମଗ୍ର ମାନବ ସମାଜର ଜୀବନ ବ୍ୟବସ୍ଥାରେ ମୂଲ୍ୟବୋଧର ଆଧିପତ୍ୟ ଥିଲା । ସତ୍ୟ, ଅହିଂସା, ଅପରିଗ୍ରହ, ଅସ୍ତେୟ, ନୀତିମତ୍ତା, ଶାନ୍ତି, ପାରସ୍ପରିକ ସ୍ନେହ ଓ ସେବାଭାବ ଜୀବନର ଏକମାତ୍ର ଧ୍ୟେୟ ଥିଲା । ପୁରାଣ ଯୁଗର ସେହି ଗୁରୁ ଶିଷ୍ୟ ପରମ୍ପରାର ମହନୀୟତା ଏବେମଧ୍ୟ ଉଜ୍ଜୀବିତ ଅଛି । ସେହି ଗୁରୁଶିଷ୍ୟ ସମ୍ପର୍କର ମହନୀୟତା ବର୍ତ୍ତମାନ ଯୁଗରେ ବଳିଷ୍ଠ ଉଦାହରଣ ହୋଇ ରହିଛି । ସେହି ମହାନ ଗୁରୁଶିଷ୍ୟ ହେଉଛନ୍ତି ଗୁରୁ ଦ୍ରୋଣାଚାର୍ଯ୍ୟ ଶିଷ୍ୟ ଏକଲବ୍ୟ, ଗୁରୁ ଚାଣକ୍ୟ ଶିଷ୍ୟ ଚନ୍ଦ୍ରଗୁପ୍ତ, ଗୁରୁ ଧୌମ୍ୟ ଶିଷ୍ୟ ଆରୁଣୀ, ଗୁରୁ ରାମକୃଷ୍ଣ ପରମହଂସ ଶିଷ୍ୟ ବିବେକାନନ୍ଦ । ସେହି ଗୁରୁ ଶିଷ୍ୟ ମାନଙ୍କ ମହନୀୟତାକୁ ଆଜି ମଧ୍ୟ ଆମେ ମନେ ପକାଉଛେ । ସେମାନଙ୍କର ସ୍ମୃତି ଚାରଣ କରୁଛେ । ଏହି ଗୁରୁଶିଷ୍ୟର ମହନୀୟ ପରମ୍ପରାକୁ ବଜାୟ ରଖିବାକୁ ପଡିବ । ଗୁରୁହିଁ ଶ୍ରେଷ୍ଠ ପୁରୁଷ ଅଟନ୍ତି । ଯୁଗେ ଯୁଗେ ଗୁରୁଙ୍କର ମହିମା ରହିଆସିଛି । ଆମର କର୍ତ୍ତବ୍ୟ ହେଉଛି ଗୁରୁଙ୍କ ସମ୍ମାନଦେବା, କାରଣ ଗୁରୁ ଆମର ଚରିତ୍ର ନିର୍ମାଣରେ ସହାୟକ ହୁଅନ୍ତି । ଗୁରୁଙ୍କଠାରୁ ଉତ୍ତମ ଶିକ୍ଷାପାଇ ଯେ କେହି ଉତ୍ତମ ନାଗରିକ ହୋଇପାରନ୍ତି । ଯେତେବେଳେ ଜଣେ ଗୁରୁଙ୍କ ସାନିଧ ଲାଭ କରେ, ସେତେବେଳେ ସେ ଜୀବନର ସବୁ କ୍ଷେତ୍ରରେ ସଫଳତା ଲାଭ କରିଥାଏ । ସମାଜରେ ମହାନ ବ୍ୟକ୍ତିତ୍ୱ ମାନଙ୍କର ସୃଷ୍ଟି ପଛରେ ଜଣେ ଜଣେ ବିଶିଷ୍ଟ ତଥା ଆଦର୍ଶ ଗୁରୁଙ୍କର ଅବଦାନ ଥାଏ । ତେଣୁ ସର୍ବଦା ଗୁରୁ ସମାଜରେ ଶ୍ରେଷ୍ଠ ବୋଲି ବିବେଚିତ ହୁଅନ୍ତି ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଶରତ ସମ୍ଭାର



**ନାରାୟଣ ପ୍ରସାଦ ରାଉଳ**

ସବୁଜ ପାଟକୁ ଧଳା ଓଢ଼ଣୀ
ସଜେଇ ହେଉଛି ଧରଣୀ ରାଣୀ
କାଚକେନ୍ଦୁ ଜଳେ ଖେଳଇ ମୀନ
ଶରତ ଆଖିରେ ଶିଶିର ଜହ୍ନ
କାଶତଣ୍ଡୀ ଆବହନରେ ଦେବୀ
ଛାଞ୍ଚ ଗଢୁ ଅଛି ଜୀବନ୍ତ ଛବି
ବିହଙ୍ଗମ ମାଳେ ଶୋଭା ଆକାଶ
ଆଶ୍ୱିନ ହୁଅଇ ପାର୍ବଣ ବେଶ
ମିଛ ମେଘ ଛିଟା ଭିଜାଏ ଦେହ
ଯୁବାଯୁବ ମନେ ପ୍ରେମର ମୋହ
ବାଳ ଭାନୁ କର ହୁଏ କୋମଳ
ଘାସଫୁଲ ମୁକ୍ତାରାଜି ସକାଳ
ଗଛର ପତର ସୁବର୍ଣ୍ଣ ଶୋଭା
ରଂଗ ରୂପ ଦିଏ ଶରତ ପ୍ରଭା
ହଳଦୀ କମଳା ନାଳି ଧୂସର
ଗ୍ରୀଷ୍ମ ଶୀତ ଋତୁ ମଧ ଭାଗର
ହ୍ରାସ ପାଉଥାଏ ଦିବସ କାୟା
ପତନ ହୁଅଇ ତାପର ମାୟା
ପକ୍ଷୀର ପ୍ରସ୍ତୁତି ଦେଶାନ୍ତରକୁ
ଅରଣ୍ୟ ପ୍ରତୀକ୍ଷା ପତ୍ରଝଡ଼ାକୁ
ଆକାଶେ ଖେଳଇ ରଂଗର ଧନୁ
ଚନ୍ଦ୍ର ଦେଖୁଥାଏ ଆପଣା ତନୁ
ସ୍ୱଚ୍ଛ ଜଳରାଶି ଶୋହେ ମହୀରେ
ପାର୍ବଣ ସକାଳ ଭିଡ ତୁଠରେ
ଖିଲି ଖିଲି ହସେ ଉଛୁଳେ ତୁଠ
ଥଟ୍ଟା ପରିହାସ ଯାହାର ମଠ
ଦାଣ୍ଡେ ଘାଟେ ବଢ଼ିଥାଏ ଗହଳି
ରଂଗ ବେରଂଗରେ ତନୁପାତଳୀ
ନୂତନ ଅମଳେ ବିଭୋର ଚାଷୀ
ନବାନ୍ନ ଭକ୍ଷଣ ଆନନ୍ଦେ ବସି
ମଂଗଳା ଓଷାର ପୂର ଭିଆଣ
ହୁଳହୁଳି ଶବ୍ଦ ସଂସ୍କୃତି ମାନ
ଉପରାନ୍ତେ ଦେବୀ ହୁଅନ୍ତି ସଜ
ଧରଣୀ ବକ୍ଷରେ ପଡ଼ଇ ରଜ
ମହିଷା ନିଧନ ସ୍ମୃତି ଜିଆଇ
ଚେତନା ବିକାଶ ମନକୁ ଦେଇ
ପୁରୁଷର ଖଳ ପ୍ରକୃତି ନାଶେ
ପରମ୍ପରା ଆଣେ ଥରେ ବରଷେ
ଦୁର୍ଗତିନାଶିନୀ ଆବହନରେ
ବିରାଜ କରନ୍ତି ମର୍ତ୍ତ୍ୟ ଭୂଇଁରେ
ବସୁଧା ଛାତିରେ ଶିଶିର ଭାତି
କମି କମି ଆସେ ଦେହର ତାତି
ଲଘୁଚାପ ଭୟେ ଥରଇ ଚାଷୀ
ଅମଳ ଗଣ୍ଡାକ ଯିବକି ଭାସି
ଫୁଲ ଫୁଟେ ନାନା ଜାତିକି ଜାତି
ମଧୁପ ପାଗଳ ଭାବରେ ପ୍ରୀତି
ସରସ ସୁନ୍ଦର ସ୍ୱଚ୍ଛ ପବିତ୍ର
ଧନ୍ୟରେ ଶରତ ପ୍ରକୃତି ମିତ୍ର ।


*କଷଣଅଣ୍ଡା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା*
*ମୋ-୯୯୩୮୭୨୦୯୭୮*


# ପ୍ରହେଳିକା



**ଶରତ ଦାଶ**

ଭରିଗଲା କିବା ହୃଦୟ
ସରିଗଲା ସୋହାଗ
ସଂସାର ଲାଗିଲା ଅସାର
ରାଗ ହେଲା ବିରାଗ ।।
ମାୟା ମରୀଚିକା ପରାୟେ
ପ୍ରତେ ହେଲା ଜଗତ
ପ୍ରେମ ସ୍ନେହ ସବୁ ଲାଗିଲା
ମିଥ୍ୟା ନୁହଁଇ ସତ୍ୟ ।।
କାଲିର ସକଳ ଆନନ୍ଦ
ଆଜି ହେଲା ସପନ
ବିଷାକ୍ତ ହୋଇଲା ଅମୃତ
ଦୁଃଖ ହେଲା ସଘନ ।।
ବହିଲା ନିଦାଘ ଉତ୍ତପ୍ତ
ବାୟୁ ବସନ୍ତ କାଳେ
ଦୁଃଖ ଉତୁରିଲା ସହସା
ସୁଖ ନଦୀର କୂଳେ ।।
ବିଭସ ଭାବରେ ବିଷର୍ଣ୍ଣ
କରି ସୁପ୍ତ ମାନସ
ସମୟ ଗାଇଲା ସଙ୍ଗୀତ
ବାଢ଼ି କରୁଣ ରସ ।।
ଆହା କେଣେ ଗଲା ଅର୍ଜିତ
ସୁଖ ସମ୍ପଦ ଶିରୀ
କେଣେ ଗଲା ଶାନ୍ତି ନୀରବେ
ମନ ମରଇ ଝୁରି ।।
ଅନ୍ଧାର ପ୍ରସରି ସର୍ବତ୍ର
ଏବେ ଦିଶେନା ରାହା
ଭାବ ବିନୋଦିଆ କେବଳ
ହେଲେ ହେବେଟି ସାହା ।।


*ଭୁବନେଶ୍ୱର*


# ବର୍ଷାର ତିନିଟି ସ୍କେଚ୍

**କବିତା ମହାନ୍ତି**



୧)
ଲଗାତାର ଝଡ଼ି ବର୍ଷା
ହାତ ଦେଇଛି ଚାଷୀ ମୁଣ୍ଡରେ
ମୁଣ୍ଡ ଝାଳ ତୁଣ୍ଡରେ ମାରି
ରାତି ଦିନ ଲାଗି ରୋଇଥିବା ଧାନ ଗଛ
କଣ ସତରେ ସଳଖି ଠିଆ ହେବ
ଧାନ ଖଳା ଓ ଧାନ ଅମାର
ଧାନ ଗଉଣି, ମାଣ ପାହିଲି
କଣ ସତରେ ଉଛୁଳି ପଡିବ ଏ ସନ !!

୨)
ଧାରା ଶ୍ରାବଣ ବର୍ଷା
ବନ୍ଦ ହେବାର ନାଁ ଧରୁନି
ସତେକି ଆକାଶଟା ଫାଟି
ଦିଫାଳ ହୋଇ ଝରି ଯାଉଚି
ଆଜିଟା ତ ଯେମିତି ସେମିତି
ଚୁଲି ଜଳିଲା
କାଲି ପେଟର ଚିନ୍ତା
ତା ସାଙ୍ଗକୁ ଟିଣ ପଡ଼ିଥିବା ଛପର ଘର
ଘରଟା ସାରା ଯେ ଓଦା ସର୍ ସର୍
କେତେ ଠା ବାଲ୍ଟି ମଗ ଥୋଇବ ସନିଆ ମାଆ
ଛପର କଣା ଦେଇ ଚାହିଁଛି ଆକାଶକୁ
କେତେବେଳେ ଏ ନିଆଁଲଗା ଝଡ଼ି ବନ୍ଦ ହେବ !!

୩)
ହାତରେ ହାତ ଛନ୍ଦି
କପୋତ କପୋତୀ ଦୁଇ
ଘୁରି ବୁଲୁଛନ୍ତି ବର୍ଷାରେ
ନଇ ବନ୍ଧରେ ନଈ ବଢ଼ି ଦେଖିବାର ମଜା
ଛତା ଫୋପାଡି ଦେଇ
ବର୍ଷାରେ ଭିଜିବାର ଆନନ୍ଦ
ହୁଏତ ଆଉ କେବେ ଆସିବ ନାହିଁ
ସେମାନେ ଜାଣନ୍ତି
ତାଙ୍କ ବୟସ ଜାତି ଧର୍ମ ମାନେନି
ହେଲେ ଦୁଇ ପରିବାର କଣ ମାନିନେବେ !!


*ଶୈଳ ନିବାସ, ବମିଖାଲ, ଭୁବନେଶ୍ୱର*
*ମୋ-୯୯୩୭୩୪୮୨୫୦*


# ଶ୍ରଦ୍ଧାଞ୍ଜଳି

**ସଂଜୀବ କୁମାର ଶତପଥି**

ଏବେ ରାସ୍ତା ସାରା ମହମବତୀର ଲମ୍ବା ଲାଇନ୍
ସୁସଜ୍ଜିତ ଅବସ୍ଥାରେ ଫୁଲ ମାଲ ସବୁ
କେବଳ ମ୍ୟାଚିସର ଅପେକ୍ଷାରେ
କାହିଁକି ନା ପୁଣି ଏକ ପୀଡିତାର ମୃତ୍ୟୁ
ଶ୍ରଦ୍ଧାଞ୍ଜଳିର ନାରା ଘୁରିବୁଲିବ ସାମାଜିକ
ଗଣ ମାଧ୍ୟମରେ
ରାଜ ରାସ୍ତାକୁ ଓହ୍ଲାଇବେ ରାବଣ, ଦୁର୍ଯ୍ୟୋଧନ
ଦୁଃଶାସନ ନାରୀ ସୁରକ୍ଷା ଦେଇ କରିବେ ଗର୍ଜନ
ସୂର୍ପଣଖା, ଗାନ୍ଧାରୀ ଯେତେ ନାରୀ ନେତ୍ରୀ ଗଣ
ସଭା କମ୍ପାଇବେ ଦେଇ ହୁଳହୁଳି ଜାଣ
ଏଠି ଶକୁନିର ପଶାପାଲି ବନ୍ଧା ଅର୍ଜୁନ
ଗାଣ୍ଡିବର ଏଠି ନାହିଁ ପ୍ରୟୋଜନ
ରାମ ବନ୍ଧା ଏଠି କରିବାକୁ ରାଜନୀତି
କୃଷ୍ଣ ସବୁ ଦେଖି ବି ନିରବ ଏଇଟା କଳିଯୁଗ
କାହିଁକିନା ଏବେ ଏବେ ଏକ ପୀଡିତାର ମୃତ୍ୟୁ
କିଛି କ୍ଷଣ ପରେ ଆରମ୍ଭ ହେବ
କାଦୁଅ ଫିଙ୍ଗା ଫିଙ୍ଗିର ପର୍ବ
ଶାସନ ପ୍ରଶାସନର ରଣ ହୁଙ୍କାର
ଛାତ୍ର ଯୁବ ନେତା ସବୁ ପ୍ରସ୍ତୁତ
ରାସ୍ତା ଘାଟରେ ଲଢ଼େଇ ହେବ
ନିଆଁ ଜଳିବ ଇତ୍ୟାଦି କେତେ ସ୍ଲୋଗାନ
କିଛି ଲୋକ ନିଜ ନିଜ ମୋବାଇଲରେ
ସେଲ୍ଫି ଆଉ ଫଟୋ ସବୁ ଅପଲୋଡ୍ କରିବେ
କେତେ ଲାଇକ୍ କମେଣ୍ଟ ପାଇଁ
ସେ ପଟେ ପୀଡିତାର ଆତ୍ମାର ହସ
ଏ ଶ୍ରଦ୍ଧାଞ୍ଜଳି ବନ୍ଦ କର ।


*କେନ୍ଦୁପାଟି, ଜୁନାଗଡ଼, କଳାହାଣ୍ଡି, ଓଡ଼ିଶା*
*ମୋ-୮୪୫୫୦୪୧୪୦୭*


# ଆସମାନ ତାରାଶଙ୍ଖା

**ଡ. ଚନ୍ଦ୍ରକଳା ନାୟକ**

ଗହମ ରଙ୍ଗର ହାତରେ ହଳଦିଆ
ଆସମାନ ତାରା ଶଙ୍ଖା ଦିପଟ
ତା ଭିତରେ ଝଟକି ଉଠୁଛି
ଛପନ ବର୍ଷର ଦାମ୍ପତ୍ୟ ଜୀବନଟା ।
ତୁଚ୍ଛା ଅଭାବ ପଣରେ
ବହୁମୂଲ୍ୟ ସମ୍ପତ୍ତି ତାର ସେ ଶଙ୍ଖା ଦିଟା
ଠିକ୍ ସୁବର୍ଣ୍ଣ ପରି ଝଲସୁଛି ସତ
ହେଲେ ମୋ ଜେଜମାଆ ହାତରେ
ସେ ଦାଉ ଦାଉ ହୋଇ ଚମକୁଛି ।
ସେ ଶଙ୍ଖା ଦିଟା କାଳେ
ଚକମକ କରେ ତା ସଧବା ପଣରେ
ଆଉ ସାଥୀରେ ମୋ ଜେଜଙ୍କର ଆୟୁଷଟାବି
ଲମ୍ବିଯାଏ କାହିଁ କେତେ ଦୂର
ଦୂର ପାଟବିଲ, ଧାନକ୍ଷେତ
ବେଉସୁଣ ହେଉଥିବା ହଳିଆଙ୍କ ଭିତରେ ।
ନିଅଣ୍ଟିଆ ପଣରେ ପରିବାରଟା
ନିଇତି ଡହଳ ବିକଳ କରେ
ମନର ଦୁଃଖ ପୋଛିବାକୁ
ଛାନ୍ଦରୁ ପଦେ, ପୁଣି ଚଉପଦୀ ବି ଗାଏ
ବେଳେ ବେଳେ ଘୁଙ୍ଗୁରର ଶବ୍ଦ ବି ଶୁଭେ ।
ମୋ ଜେଜମାଆଟା ସବୁ ସହି ବଜ୍ର ପାଲଟେ
ଭାଗ୍ୟକୁ ବି ନିନ୍ଦେ
ପଣତ କାନିରେ ଦେହ ଆଉଁସେ
ହେଲେ ସବୁ ପରେ
ଶଙ୍ଖା ଦିଟା ଯେମିତି ତା ଗଣ୍ଠି ଧନ
ଆଉ ତା ଅଇସୁଲକ୍ଷଣି ହେବାର ରାସ୍ତା ।
ଏକୁଟିଆ ଥିଲାବେଳେ ସେ
ଜେଜଙ୍କୁ ଦେଖେ ସେଇ ଶଙ୍ଖା ଭିତରେ
ଦମ୍ଭ ଧରେ,
ନିରେଖି ଦେଖି କଣେଇ ଲାଜେଇ ହସିଦିଏ
ସେଇ ଶଙ୍ଖା ଦିପଟ କାଳେ
ତା ଜୀବନର ଶେଷ ସନ୍ତକ ।
ତା ଧୁଡୁ ଧୁଡୁ ପାଚିଲା ଗାଲରେ
ସଧବା ପଣଟା
ଉତୁରି ଆସି ଦିନରାତି ଦିଅଁଙ୍କୁ ଡାକେ
ତା ଶେଷ ଯାତ୍ରା ଯାଏ
ଏମିତି ହାତ ଦିଟାରେ
ଆସମାନ ତାରା ଶଙ୍ଖା
ଦାଉ ଦାଉ ହେଉଥାଉ
ଶ୍ମଶାନକୁ ସଜେଇ ହେବାକୁ ।


*ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ,*
*ଛତିଆ ଯାଜପୁର*
*ମୋ-୯୪୩୭୯୫୭୬୧୭*






# ବର୍ଷାରାଣୀ...

**ରତିକାନ୍ତ ଜେନା**

ସରିଗଲା ଗ୍ରୀଷ୍ମ ଆସିଲା ବରଷା
ଥଣ୍ଡା ଥଣ୍ଡା ଲାଗେ ଧରା
ପ୍ରକୋପ ଗ୍ରୀଷ୍ମର ଥିଲା ଭୟଙ୍କର
ସୂର୍ଯ୍ୟଙ୍କ ପ୍ରଚଣ୍ଡ ଖରା...
ଭାରି ଗୁଳୁଗୁଳି ଉଡୁଥିଲା ଧୂଳି
ନଥିଲା ଟୋପାଏ ପାଣି
ମୌସୁମୀ ଆସି ଓଡ଼ିଶା ଛୁଇଁଲା
ହସୁଛି ବରଷା ରାଣୀ...
ସୂର୍ଯ୍ୟ କିରଣର ଅସହ୍ୟ ତାତିରେ
ଧରଣୀ ଆଖିରେ ଲୁହ
ବରଷା ରାଣୀର ଆଗମନ ପରେ
ନାହିଁ ସେ ତାତିର ଭୟ...
ଦୁବ ଗଛଟିଏ କଅଁଳୁ ନଥିଲା
ଗ୍ରୀଷ୍ମର ପ୍ରକୋପ ପାଇ
ଆସିଲା ବରଷା ନେଇ କେତେ ଆଶା
ଧରାକୁ ଦେଲା ଭିଜେଇ...
ଝିପି ଝିପି ବର୍ଷା କୋହଲା ପାଗରେ
ହାତେ ଥିଲା ମୋର ଛତା
ଆନମନା ମନ ହୁଏରେ ଉଛନ୍ନ
ମନରେ ସେ ଦିନ କଥା...
ବରଷାରେ ଯେବେ ଭିଜୁଥିଲି ଏକା
ଏହି ପିଲାଦିନ ସ୍ମୃତି
ସେଇ ଦିନ ଆଜି ଖୋଜି ମୁଁ ପାଉନି
ନାହିଁ ପିଲାଦିନ ସାଥି...
ବରଷା ରାତିରେ ସାରୁ ବୁଦା ମୂଳେ
ବେଙ୍ଗୁଲି ରାଣୀର ଶବ୍ଦ
ସହରରେ ଆଜି ଲାଗେ ଏକା ଏକା
ଖୋଜୁଛି ସ୍ମୃତିର ଫର୍ଦ୍ଦ...
ଓଦା ହଉଥିଲି ଲୁଚି ଲୁଚି ଯାଇ
ମାଆ ଧରୁଥିଲା କାନ
ବରଷାରାଣୀର ଜଳ ଛିଞ୍ଚନରେ
ଭାରି ଖୁସି ଥିଲା ମନ...
ବରଷା ଋତୁରେ ଜହ୍ନି ଫୁଲ ବାସ୍ନା
କାକୁଡି ଲତାରେ ଫୁଲ
ସହରରେ ରହି ସବୁ ହଜେଇଲି
ଅତୀତ ମୋ ପାଇଁ ଭଲ...
ହଜେଇ ଦେଲି ମୁଁ ଅତୀତ ମୋହର
ଜୀବନଟା ମୋର ଶୂନ୍ୟ
ଗାଁ ଶେଷ ମୁଣ୍ଡେ ବର୍ଷା ଦିନ ଭୋଜି
ଆଜିବି ଖୋଜୁଛି ମନ...
ବିଦ୍ୟାଳୟ ସାରି ଫେରିବା ବାଟରେ
ଜାଣି ଶୁଣି ହେଉ ଓଦା
ବରଷାରେ ଭିଜି ଘର ଫେରୁଥିଲୁ
ଗାଳି କରୁଥିଲେ ଦାଦା...
ଧାନ କିଆରୀଟା ଭାରି ହସୁଥିଲା
ବରଷାରାଣୀକୁ ପାଇ
କୀଟ ପତଙ୍ଗର ଗୁଣୁ ଗୁଣୁ ଶବ୍ଦ
ମନ ନେଉଥିଲା ମୋହି...


*ବିଲବଳରାମପୁର, କେନ୍ଦ୍ରାପଡ଼ା*
*ମୋ-୭୦୭୭୨୮୬୫୮୦*


# ପିଲାଦିନର ସେହି ବର୍ଷାକାଳ

**ନିରଞ୍ଜନ ସାହୁ**

ଝଡି ବରଷାରେ ମନେ ପଡ଼ିଯାଏ
ପିଲାବେଳ କଥାମାନ
ବରଷାରେ ଭିଜି ପାଣିସୁଏ ଖେଳୁ
ଭୁଲ ମାଗୁ ଧରି କାନ ।

କାଗଜରେ ଡଙ୍ଗା ତିଆରି କରିକି
ପାଣି ସୁଏ ମେଲି ଦେଇ
ଭାରି ଖୁସି ହୋଇ ପାଣି ସୁଏ ନାଚୁ
ଡେଇଁଡେଇଁ ଥେଇଥେଇ
'ମେଘ ବରଷିଲା ଟୁପୁରୁ ଟୁପୁରୁ'
କରୁଥାଉ ଗୀତ ଗାନ ।

ସକାଳୁ ସକାଳୁ ସାଙ୍ଗମେଳେ ଯାଇ
ବିଲହିଡୁ ଛତୁ ତୋଳୁ
କାଦୁଅ ବାଟରେ ଫେରିବା ବେଳକୁ
ସାଙ୍ଗଙ୍କୁ କାଦୁଅ ବୋଳୁ
ଖସଡ଼ା ବାଟରେ ଗୋଡ଼ ଖସିଯାଏ
ଚାଲିକୁ ନଥାଏ ଧ୍ୟାନ ।

ବୁଢ଼ୀମା' ସହିତ ତୋଳି ଥାଉ ଆମେ
ବାଡ଼ିରୁ ପରିବା କେତେ
ବିଦ୍ୟାଳୟ ଯିବା ସମୟ ଆସିଲେ
କଥା ବାଆଁରାଉ ଯେତେ
ବର୍ଷାରେ ତିନ୍ତିଲେ ଜ୍ୱର ହୋଇଥାଏ
ଖାଉ ପଥି କେତେ ପାନ ।

ଆଜି ବି ହେଉଛି ସେପରି ବରଷା
ଦୁଇତିନି ଦିନ ଧରି
ଆମରି ପିଲାଙ୍କୁ ମୁରବି ପଣରେ
ଦେଉ ସାବଧାନ କରି
ସେଦିନ ଅଜ୍ଞାନ ରହିଥିଲୁ ଆମେ
ଆଜି ବାଣ୍ଟୁଅଛୁ ଜ୍ଞାନ ।


*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*


# ଶରତ

**ପ୍ରଫୁଲ୍ଲ ଚନ୍ଦ୍ର ବାରିକ**

ଶରତ ନିରିମଳ କାଳ ଶରତ
ବଉଦକୁ ନାଆ ପରିକା ଭସାଏ
ଡାକି ଆଣେ ପୂଜା ବରତ ।
କାଇଁଶ ହିଡ଼ ଧାରେ ହସେ କାଇଁଶ
ଶରତ ଡାକରେ ହୁଏ ଆନାମନା
ଭୁଲିଯାଏ ବାଗ ବାଇଶ ।
ଗଉରା ନାଲି ଧଳା ହରଗଉରା
ଆମ କୁନିଝିଅ ଗଉରୀ ସଜାଏ
ଯାତନେ ତୁଳସୀ ଚଉରା ।
ଶେଫାଳି ଭାରି ଲାଜକୁଳୀ ଶେଫାଳି
ସୁବାସରେ ତା'ର ମା' ବିଜେ ମରତେ
ଶୁଣି ପାରବଣ ପେଁକାଳି ।
ଶିଶିର ମୁକୁତାର ବିନ୍ଦୁ ଶିଶିର
ସକାଳୁ ସକାଳୁ ପତର, ଘାସକୁ
ଝଲସାଏ ମନ ଖୁସିର ।
ଦଶରା ପାଖେଇ ଆସୁଚି ଦଶରା
ଦୁରୁଗା ମା' ଧନ, କରୁଣା ବରଷି
ଭରିବେ ଦୁଃଖୀର ପସରା ।


*ପାନପୋଷ, ରାଉରକେଲା-୪*
*ମୋ-୯୦୯୦୩୩୦୮୫୯*


# ଶରତ ଓ କାଶ

**ଧ୍ରୁବ ଚରଣ ଘିବେଲା**

ଉପରେ ଆକାଶ ନିରିମଳ ସ୍ୱଚ୍ଛ
ଶରତ ଆଗମନରେ
ନାହିଁ କଳା ମେଘ ବାଦଲର ବେଗ
ସାରା ଆକାଶ ଛାତିରେ ।
ତଳେ ସେଇମିତି ସ୍ୱଚ୍ଛତା ପ୍ରକାଶି
ଧରା ଧରଣୀ ସୁନ୍ଦର
ଛୁଟୁ ନାହିଁ ପୁଣି ଗ୍ରାମପଥ ଧାରେ
ପାଣି ସୁଅ ଧାର ଧାର ।
ବରଷା ପାଇଁକି ରୁଆ ଧାନ ବଢ଼ି
କ୍ଷେତରେ ଖେଳେ ଲହଡ଼ି
ଯେଉଁଆଡ଼େ ଦେଖ ପ୍ରକୃତି କୋଳରେ
ସବୁଜିମା ଥାଏ ମାଡ଼ି ।
ବାଟଘାଟ ସଫା ନାହିଁ ଆବିଳତା
ଧରାରୁ ଗଗନ ଯାଏ
ଯହିଁ ଦେଖ ସେଠି ଅସନା ନାହିଁଟି
ସୁନ୍ଦରତା ଠାଏ ଠାଏ ।
କାଶ ହସିଲାଣି ମିତ ବସିଲାଣି
ପବନ ସହିତ ଖେଳି
ପବନ ଦୋଳିରେ ବସି ଆନନ୍ଦରେ
ରହିଲାଣି ଭାବ ତୋଳି ।
କାଶର ଚାମର ଦିଶଇ ସୁନ୍ଦର
ପବନରେ ଝୁଲି ଥିରି
କେ ସତେ ଯେମିତି ରଖିଛି ସାଇତି
କାଶ ଦେହେ ଶୋଭା ଭରି ।
କାଶର ଧବଳ ବେଶ ମନୋହର
ଅତି ମନୋଜ୍ଞ ସୁନ୍ଦର
ଶରତ ସୌନ୍ଦର୍ଯ୍ୟ ବାଢ଼େ ବାଟେ ଘାଟେ
ପୁଣି ନଈପଠା ଧାର ।
ବାଟ ବାଟୋଇକୁ ସ୍ୱାଗତ କରିକି
କାଶ ନାଚେ ପବନରେ
କିଏ ପୁଣି ଚାହେଁ କାଶକୁ ଘଡ଼ିଏ
ଅଟକି ଯାଇ ବାଟରେ ।


*ବଉଦରାଜ -୭୬୨୦୧୪, ଜି-ବୌଦ୍ଧ*
*ମୋ-୯୪୩୭୪୭୮୪୬୬*


# ମତେ ଭଲଲାଗେ

**ସୁନନ୍ଦା ମହାନ୍ତି**



ମତେ ଭଲ ଲାଗେ ମୋ ରାଜ୍ୟ ଓଡ଼ିଶା
ଆଉ ତାର ମିଠା ଭାଷା
ମତେ ଭଲ ଲାଗେ ମାଟିମାଆ ନଈ ଆକାଶ
ଘରଚଟିଆ ପକ୍ଷୀର ବସା
ମତେ ଭଲ ଲାଗେ ମାଆର ଓଢ଼ଣୀ ମଥାର
ପୁରଣ କରେ ମୋ ଆଶା
ମତେ ଭଲଲାଗେ ଗାଁ ଶଗଡି ଆକାଶଗୁଡ଼ି
ମୋ ଗାଁ ଭାଇ ଚଷା
ମତେ ଭଲଲାଗେ ମୋ ଗାଁରେ ଗଛ ଲଗାଇ
ମାଆ ମାଟିର ଫୁଲ ଫଳ ବେଉଷା
ମତେ ଭଲଲାଗେ ପୁନେଇ ପରବ
ରଜଦୋଳି ଖୁଦୁରୁକୁଣୀ ଓଷା
ମତେ ଭଲଲାଗେ ଗଛର ଫଳ ନଈର କୂଳ
ଆମ୍ବ ବଉଳ ବୋଉ ହାତ ପରଷା
ମତେ ଭଲଲାଗେ ବୁଢ଼ୀମାଆ କୋଳ ଗପଗୀତ
ଡାଲମା ସାଙ୍ଗକୁ ଚୂଡ଼ାଘଷା
ମତେ ଭଲଲାଗେ ଛଅ ଋତୁ କୋଇଲିର ମିଠା କୁହୁ
ଓଡ଼ିଶା ରାଇଜ ଓଡ଼ିଆ ଭାଷା
ଭଲଲାଗେ ପରିବାର ସ୍ନେହ ଶ୍ରଦ୍ଧା ମମତା
ଛାଡ଼ି ସର୍ବେ ରାଗରୁଷା
ଭଲଲାଗେ ତାରା ଭରା ଆକାଶକୁ ରାତିର
ଭଲଲାଗେ ଭାରି ବର୍ଷା
କାଗଜ ଡଙ୍ଗା ଭସେଇ ଆ କା ମା ବୈ କହି
ଛାଡ଼ି ରାଗ ଦ୍ୱେଷ ଇର୍ଷା
ଭଲମଣିଷ ହେବାକୁ ସକାଳୁ ସୂର୍ଯ୍ୟଙ୍କୁ ପ୍ରଣାମୀ
କହେ ଏ ସୁନେଲି କଅଁଳ ଉଷା ।


*ସାକ୍ଷୀଗୋପାଳ, ପୁରୀ*
*ମୋ-୯୦୪୦୯୭୭୩୨୭*


# ବେଙ୍ଗ କହେ ବେଙ୍ଗୁଲି ଲୋ



**ବନ୍ଦିତା ଦାଶ**

ବେଙ୍ଗ ଆଉ ବେଙ୍ଗୁଲିଟିଏ ଥିଲେ ସାରୁ ଗଛ ମୂଳେ। ସାମ୍ରାଜ୍ୟ କହିଲେ ସେତିକି। ସାମ୍ରାଜ୍ୟ ବଢ଼ାଇବା ପାଇଁ ମନ ବଳିଲା। ଖୋଜା ପଡ଼ିଲା ଅନେକ କିଛି ଚିଜ। ଅମିଳ ସେଥିରୁ ବହୁତ କିଛି। ମନ ବଳେଇଚି ଯେତେବେଳେ ମିଳିବ ଅଲବତ ...। ମନ୍ତ୍ରୀ, ସେନାପତି, କୋଷାଧ୍ୟକ୍ଷ ଏମିତି କାହିଁରେ କଣ... ସୈନ୍ୟସାମନ୍ତ, ରାଜ୍ୟବାସୀ ସବୁ ମିଳିଲେ... ଢେଙ୍ଗୁରା ଦେଇ ଖୋଜ ଖବରନେଇ ଯୋଗାଡ ହେଲା ବେଙ୍ଗ ସାମ୍ରାଜ୍ୟ। ରାଜା ମାନେ ହିଁ ମନୋରଞ୍ଜନ ପ୍ରିୟ ... ସେସବୁ କରିବା ପାଇଁ ନାଚ ଗୀତର ଆୟୋଜନ ହେଲା । ବିଶେଷ ଅନନ୍ଦଦାୟୀ ହେଲାନି କି ମନ ମୋହି ପାରିଲାନି ସେ କାର୍ଯ୍ୟକ୍ରମ। ମହାମନ୍ତ୍ରୀ କହିଲେ, 'ମଣିମା ଖେଳକୁଦ କଲେ କାର୍ଯ୍ୟକ୍ରମ ବେଶୀ ସୁଖଦାୟୀ ହେବ।' ସେଠୁ ଯୋଗାଡ ଆରମ୍ଭ ହେଲା। ଖେଳିବ କିଏ, ଖେଳାଇବ କିଏ, ପ୍ରଶିକ୍ଷଣ ଦେବ କିଏ ଏମିତି କେତେ କଥା ସବୁ ଆଗକୁ ବାଟ ଓଗାଳିଲେ। ବୁଦ୍ଧିମାନ ମନ୍ତ୍ରୀ ଭାବିଲେ ଆମ ରାଜ୍ୟ ଦର୍ଶକ ହୋଇ ବସିବେ, ଅନ୍ୟ ରାଜ୍ୟରୁ ଖେଳାଳି ଅଣେଇ ଖେଳ ହେବ। ବେଙ୍ଗ ପ୍ରଜାତି ଏତିକିରେ ଖୁସି ହେଲେ। କେଁ କଟର ରଡିରେ ଅଞ୍ଚଳ କମ୍ପେଇଲେ। ବାହୁଣିଆ ବେଙ୍ଗ ସାଙ୍ଗରେ କାଠ ବେଙ୍ଗ ମିଶି ନାଚିଲେ କେତେ ଭଙ୍ଗୀରେ। ଆହା କି ନାଚ ସିଏ !


ଅନ୍ୟ ରାଜ୍ୟ ସହଜେ ରାଜି ହେଲେନାହିଁ ଖେଳାଳି ଦେବାକୁ। କାହିଁକି ବା ଦେବେ। କିଏ କିଆଁ ନିଜର ପ୍ରତିଭାମାନଙ୍କୁ ଏମିତିଆ ଭାବରେ ଦେବ ବା । ମହାମନ୍ତ୍ରୀଙ୍କ ଅକଲ ଗୁଡୁମ୍। ସେ ତ ହାରିବେ ନାହିଁ। ନିଜର ପ୍ରଖରବୁଦ୍ଧି ଖେଳାଇଲେ। ଖେଳାଳି କିଣିବାର ଯୋଜନା କଲେ। କୋଷାଧ୍ୟକ୍ଷ ହସ୍ତକ୍ଷେପ କଲେ। ତହୁଁ ରାଜ୍ୟବାସୀଙ୍କ ଉପରେ ଟିକସ ଲଗେଇଲେ । କିଛି ଗ୍ରହଣକଲେ ତ କିଛି ବିରକ୍ତ ହେଲେ। ଇଏ କି କଥା ହୋ ମନୋରଞ୍ଜନ କହି ସଞ୍ଚିତ ଧନକୁ ଖର୍ଚ୍ଚ କରାଯିବ.... ଟିକସ ଦେଇ ଖୁସି କିଣା ହେବ । ଇଏ ତ ମହରଗରୁ ଯାଇ କାନ୍ତାରରେ ପଡିବା କଥା... ସ୍ୱଗୋତକ୍ତି କଲେ କିଛି। ମାତ୍ର, ବିଲ୍ ପାସ୍ ହୋଇଗଲା ପାରିଷଦ ବର୍ଗରେ। ଆଉ କି ଚାରା ଅଛି କାହାର ... ଖାଲି ଆମ୍ପୁଡି ବିଦାରି ହେବାକଥା ଯାହା।

ଖେଳାଳିଙ୍କ ଲମ୍ବା ଧାଡି ଲମ୍ବିଲା । କେଉଁ ରାଜ୍ୟରୁ କିଏ ଆସିଚି ତା'ର କିଛି ଠିକଣା ନାହିଁ। ନିଲାମ ଆରମ୍ଭ ହେଲା। ଅର୍ଥ ବଳରେ କିଣା ବିକା ସରିଲା। ମହାମନ୍ତ୍ରୀ ବିଚକ୍ଷଣ ତା ସହିତ କହିଲେ, 'ମଣିମା ଦେଖନ୍ତୁ ଆମର କେତେ ଖେଳାଳି.... କେତେ ପ୍ରକାରର ପୁଣି..।' ରାଜା ହସିଲେ ଆଡମ୍ବର ସହିତ। ମୁଣ୍ଡ ହଲାଇ ପ୍ରଶଂସା ସୂଚକ ଶବ୍ଦଟିଏ ପ୍ରକାଶ କଲେ, ମହାମନ୍ତ୍ରୀଙ୍କ କାନ ପାଖରେ। ଦୁହେଁ ମିଶି ହସିଲେ ବହେ। ପାରିଷଦବର୍ଗ ହୋ ହୋ ହସିଲେ, କିଛି ନବୁଝିନସୁଝି। ବଡ ହସିଲେ ସାନ ଆଉ ବାଦଯିବେ ଏକଥା ତ ହୋଇନି କେବେ।

ନାନାଦି ପ୍ରକାରର ଖେଳ ପାଇଁ ନାନା ପ୍ରଶିକ୍ଷକ, ନାନା ପ୍ରକାର ପଡିଆ, ପୋଖରୀ, ସାଇକେଲ, ବଲ୍, ବ୍ୟାଟ, ରାକେଟ ଲାଇଟ୍, ମାଇକ୍ ଇତ୍ୟାଦି ଇତ୍ୟାଦି ଅନେକ କିଛି ଯୋଗାଡ ଚାଲିଲା। ଟଙ୍କା ପଇସାର ହିସାବ ନିକାଶ ଆଉ କଣ ହେବ, ଜନତାଙ୍କ ଉପରେ ନାନା ପ୍ରକାରର ଟିକସ ଲାଗୁହେଲା। ବୁଦ୍ଧିଜୀବିଏ ନାକ ଟେକିଲେ, ଅଳ୍ପ ବୁଦ୍ଧିଆ କିନ୍ତୁ ଖୁସିହେଲେ..। କିଛି ହେଉ କି ନହେଉ ଆମ ସାମ୍ରାଜ୍ୟର ଖାତିର ବଢିବ, ଆମେ ବି ଉପକୃତ ହେବୁ ମନୋରଞ୍ଜନ ପାଇଁ, କହିହେଉଥିଲେ ନିଜନିଜ ଭିତରେ। କୋଉ ଦେଖିହେବ ଅଲିମ୍ପିକ କି ୱାର୍ଲ୍ଡ କପ୍, କୋଉ ଯାଇ ହେବ ବିଦେଶ ... ଘରେ ଖାଇ, ଆରାମରେ ଶୋଇ, ଆନନ୍ଦରେ ଟିଭି ପରଦାରେ ଦେଖିବାର ମଜା ସତରେ ନିଆରା..। ହେଃ ବୁଢାମାନଙ୍କର ସବୁକଥାରେ କେଁକେଁ .... ନିଜେ କରିବେନି କି କେହି କଲେ ସହିବେନି..। ଟୋକାଏ ଖେଳ ପାଇଁ ମନଖୁସିରେ ନାଚି ଉଠୁଥିଲେ..।

ବହୁ ଆୟୋଜନ ପରେ ଆରମ୍ଭ ହେଲା ମେଗା ଖେଳର କାର୍ଯ୍ୟକ୍ରମ। ସମଗ୍ର ଦେଶ ଉଠିଲା ପଡିଲା... କାହୁଁ କେତେ ଦେଖଣାହାରୀ... ଖେଳର ଖ ବୁଝୁ ନଥିବା ଲୋକେ ବି ମାଡିଗଲେ ଆଗକୁ ଆଗକୁ ...। ଦୌଡକୁଦର ନିୟମ କଣ, ଫୁଟବଲର ବା କ୍ରିକେଟର ଅସଲ କଥା ବୁଝକି ନବୁଝ ମାଡିଚାଲ ଆଗକୁ ଆଗକୁ ..ଅନେକ ଆଗକୁ ..। ବସିବସି କିଏ କହିଲା ଆରେ ଆରେ ଏଗାର ଜଣକୁ ଗୋଟିଏ ବଲ, କେତେ କଜିଆ ସେଥକୁ ... ଦିଅ ଦିଅ ସେମାନଙ୍କୁ ଆଉ ଦୁଇଚାରିଟା... ଆମ ରାଜାଙ୍କର କୋଷରେ କଣ କମ୍ ଅଛିକି...। ଆଉ କିଏ ମତାମତ ଦେଲା, ଦୌଡିବ ତ ଦୌଡ, ହେଲେ ଏତେ କଷ୍ଟ କରି ଡେଉଁଚ କାହିଁକି...। ବଙ୍କୁଲି ବାଡିରେ ଟିକି ବଲକୁ ଗଡେଇ ହଇରାଣ ହେବା ଅପେକ୍ଷା ବଡବଡ ବଲ୍ ହେଲେ ବେଶି ସୁବିଧାଜନକ ହୁଅନ୍ତା ନା କଣ ଏ ଖେଳ...। ସାଇକଲ୍ ରେସ୍, ଘୋଡା ଦୌଡକୁ କିଏ ବୁଝେ... ବେଙ୍ଗ ଦଳ ଆବାକାବା.... ଆଖି ଢେମାଢେମା ..। ଆଉ ସେ ରାଇଫଲ୍, ଡିସ୍କସ୍, ସଟ୍‌ପୁଟ୍, ଲମ୍ବ ଡିଆଁ, ଉଚ୍ଚଡିଆଁ, ତୀରମରା, ତଲୱାର, କୁସ୍ତି .. ଏସବୁ କି ଖେଳରେ ବାବା.... ନିଜ ଉଚ୍ଚତା ଠାରୁ ଢେର୍ ଅଧିକା ଲମ୍ବା ଠେଙ୍ଗାରେ ଦଉଡିକୁ ଡେଇଁ କି ଲାଭ ମିଳେ ମ ଏମାନଙ୍କୁ, କଣ ନା ପୋଲଭୋଲ୍ଟ... ଜିଭ ଆଉଡଉନି ଅଥଚ ଇଏ ଏକ ଖେଳ.. ଜାଭେଲିନ୍ ତ ସିଧା ସାଇଁକରି ପଶି ଯାଉଥିଲା ମାଟିରେ। ପ୍ରାଣ ରହିବଟି.. ଟିକିଏ ଅସାବଧାନ ହେଲେ ସିଧା ଉଡିଯିବ ଯମଲୋକକୁ । ଇରେ ବାବା, ବେଳହୁଁ ସାବଧାନ। ଦଳଦଳ ବେଙ୍ଗ କହିହେଲେ ବାରବାର।

ବେଙ୍ଗଙ୍କର ମନୋରଞ୍ଜନ ଏଭଳି ହେଉଥିଲା ବେଙ୍ଗ ଦେଶରେ..। ତହୁଁ ବୁଢା ବେଙ୍ଗ କହିଲା, 'ବେଙ୍ଗୁଲି ଲୋ ଆମ ସାରୁଗଛ ଭଲ... ଏସବୁ ଅସାର...। ପୈତୃକ ପ୍ରାଣକୁ ଟିକିଏ ଇଜ୍ଜତ ଦବାକୁ ହବ ନା ନାହିଁ। ଚାଲ ଚାଲ ଲୋ, ଆମେ ସବୁଛାଡି ଆମ ସାରୁଗଛ ମୂଳକୁ ଯିବା ଏଥର.. । ଆଉ ସେ ସାମ୍ରାଜ୍ୟର ଅଧିକାର ନବ କିଏ ନଉ... ତୁ ଓ ମୁଁ ଥିଲେ, ହେଲା ଆମ ସଂସାର ।'




*ଫୁଲନଖରା*

# ପ୍ୟାରିସ୍ ଅଲିମ୍ପିକ୍ସରେ ହେବ ନଦିମ୍-ନୀରଜ ମୁକାବିଲା




**ନୂଆଦିଲ୍ଲୀ**

ପ୍ୟାରିସ୍ ଅଲିମ୍ପିକ୍ସରେ ପୁରୁଷ ଜାଭେଲିନ୍ ସ୍ୱର୍ଣ୍ଣପଦକ ଜିତିଥିବା ପାକିସ୍ତାନର ଅର୍ସଦ ନଦିମ୍‌ଙ୍କୁ ସମ୍ପୂର୍ଣ୍ଣ ଫିଟ୍ ଘୋଷଣା କରିଛନ୍ତି ଡାକ୍ତର। ଟୋକିଓରେ ସେପଟେମ୍ବର ୧୩ରୁ ଆରମ୍ଭ ହେଉଥିବା ବିଶ୍ୱ ଦୌଡ଼କୁଦ ଚାମ୍ପିଅନ୍‌ସିପରେ ଅଲିମ୍ପିକ୍ସ ଚାମ୍ପିଅନ୍ ନଦିମ୍ ଭାଗ ନେବେ। ଜୁଲାଇରେ ଇଂଲଣ୍ଡରେ ନଦିମ୍‌ଙ୍କ ଡାହାଣ ଗୋଡ଼ରେ ଅସ୍ତ୍ରୋପଚାର କରାଯାଇଥିଲା। ସେ ସମ୍ପୂର୍ଣ୍ଣ ସୁସ୍ଥ ଏବଂ ପ୍ରତିଯୋଗିତାରେ ଭାଗନେବାକୁ ସମର୍ଥ ବୋଲି ଡାକ୍ତର କହିଛନ୍ତି। ଫଳରେ ଟୋକିଓରେ ନଦିମ୍ ଓ ଭାରତୀୟ ଜାଭେଲିନ୍ ତାରକା ନୀରଜ ଚୋପ୍ରାଙ୍କ ମଧ୍ୟରେ ମୁକାବିଲା ହେବା ନିଶ୍ଚିତ। ଏହା ଉଭୟ ଦେଶର କ୍ରୀଡ଼ାପ୍ରେମୀଙ୍କୁ ଉତ୍ସାହିତ କରିଛି। ଗତବର୍ଷ ପ୍ୟାରିସ୍‌ରେ ନଦିମ୍ ୯୨.୯୭ ଦୂରକୁ ଜାଭେଲିନ୍ ଫିଙ୍ଗି ୩୨ ବର୍ଷ ପରେ ପାକିସ୍ତାନକୁ ଅଲିମ୍ପିକ୍ସ ସ୍ୱର୍ଣ୍ଣ ଜିତାଇଥିଲେ। ନୀରଜ ୨ୟ ସ୍ଥାନରେ ରହି ରୌପ୍ୟ ଜିତିଥିଲେ। ୨୦୨୧ ଟୋକିଓ ଅଲିମ୍ପିକ୍ସରେ ନୀରଜ ୮୭.୫୮ ମିଟର ଦୂରକୁ ଫିଙ୍ଗି ସ୍ୱର୍ଣ୍ଣ ଜିତି ଇତିହାସ ରଚିଥିଲେ। ୨୦୨୩ ବୁଦାପେଷ୍ଟ ବିଶ୍ୱ ଚାମ୍ପିଅନ୍‌ସିପ୍‌ରେ ନଦିମ୍‌ଙ୍କୁ ମାତ୍ର ୩୫ ସେଣ୍ଟିମିଟର ପଛରେ ପକାଇ ନୀରଜ ସ୍ୱର୍ଣ୍ଣପଦକ ଜିତିଥିଲେ। ନୀରଜ ଉକ୍ତ ସ୍ୱର୍ଣ୍ଣ ଟୋକିଓରେ ବଜାୟ ରଖିବାକୁ ପ୍ରୟାସ କରିବେ। ହେଲେ ପ୍ୟାରିସ୍ ପ୍ରଦର୍ଶନ ଦୋହରାଇବା ଲକ୍ଷ୍ୟରେ ନଦିମ୍ କଠିନ ଅଭ୍ୟାସ ଚଳାଇଛନ୍ତି।

## ମହିଳା ହକି ଏସିଆ କପ୍

# ଥାଇଲାଣ୍ଡକୁ ୧୧-୦ ଗୋଲରେ ହରାଇଲା ଭାରତ

**ନୂଆଦିଲ୍ଲୀ**

ଚୀନ୍‌ର ହାଙ୍ଗଝୌରେ ଆରମ୍ଭ ହୋଇଛି ମହିଳା ହକି ଏସିଆ କପ୍। ଉଦ୍‌ଘାଟନୀ ମ୍ୟାଚ୍‌ରେ ଥାଇଲାଣ୍ଡ ବିପକ୍ଷରେ ବଡ଼ ବିଜୟ ହାସଲ କରିଛି ଭାରତୀୟ ମହିଳା ଦଳ। ୧୧-୦ ଗୋଲରେ ଥାଇଲାଣ୍ଡକୁ ମାତ୍ ଦେଇଛି ଟିମ୍ ସାଲିମା। ୩ ଜଣ ଖେଳାଳି ୨ଟି ଲେଖାଏଁ ଗୋଲ କରି ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଛନ୍ତି। ମୁମତାଜ ଖାନ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।




ପ୍ରଥମ କ୍ୱାର୍ଟର ୨-୦ରେ ଶେଷ ହୋଇଥିଲା। ଭାରତର ଦବ୍‌ଦବା ଜାରି ରହିଥିଲା। ହାଫ୍ ଟାଇମ ଶେଷ ସୁଦ୍ଧା ଭାରତ ୫-୦ ଗୋଲରେ ଆଗୁଆ ଥିଲା। ଥାଇଲାଣ୍ଡ ଟିମ୍ ଗୋଲ ପ୍ରତିଶୋଧ କରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ବିଫଳ ହୋଇଥିଲା। ଗୋଲ ପରେ ଗୋଲ ବର୍ଷା କରିଚାଲିଥିଲା ଟିମ୍ ସାଲିମା। ଭାରତ ମ୍ୟାଚ୍‌କୁ ନିଜ କବ୍‌ଜାକୁ ନେଇଥିଲା। ଉଦ୍‌ଘାଟନୀ ମ୍ୟାଚ୍‌ରେ ୧୧-୦ ଗୋଲରେ ଏକତରଫା ବିଜୟ ହାସଲ କରିଛି ଭାରତ। ଦଳ ପକ୍ଷରୁ ମୁମତାଜ, ଉଦିତା ଓ ବିୟୁଟି ଡଙ୍ଗ ଦୁଇଟି ଲେଖାଏଁ ଗୋଲ କରିଛନ୍ତି। ସେହିପରି ସଙ୍ଗୀତା, ନବନୀତ, ସର୍ମିଳା ରୁତୁରାଜ ଗୋଟିଏ ଲେଖାଏ ଗୋଲ କରିଛନ୍ତି। ଥାଇଲାଣ୍ଡ ଗୋଲ ପରିଶୋଧ କରିବାକୁ ଚେଷ୍ଟା କରିଥିଲେ ବି ଖାତା ଖୋଲି ପାରିନାହିଁ। ଥାଇଲାଣ୍ଡ କମ୍‌ବ୍ୟାକ୍ କରିବାକୁ ଚେଷ୍ଟା କରିଥିଲେ ବି ଭାରତର ଆଟାକିଂ ଷ୍ଟ୍ରାଇକ୍‌ରେ ଘାଇଲା ହୋଇଥିଲା।

ଭାରତ ପୁଲ ବି'ରେ ଜାପାନ, ଥାଇଲାଣ୍ଡ ଓ ସିଙ୍ଗାପୁର ସହ ରହିଛି। ପ୍ରଥମ ମ୍ୟାଚରେ ଥାଇଲାଣ୍ଡ ବିପକ୍ଷରେ ଦମଦାର ବିଜୟ ହାସଲ କରିଛି। ଶନିବାର ଜାପାନ ଓ ୮ରେ ସିଙ୍ଗାପୁରକୁ ଭେଟିବ ଟିମ୍ ସାଲିମା। ପୁଲ ପର୍ଯ୍ୟାୟ ପରେ ଉଭୟ ଗ୍ରୁପ୍‌ରୁ ଶ୍ରେଷ୍ଠ ୪ ଦଳ ସୁପର-୪କୁ ଉନ୍ନୀତ ହେବେ। ଏହି ପର୍ଯ୍ୟାୟ ୧୦ ତାରିଖରୁ ଆରମ୍ଭ ହେବ। ୨୦୨୨ ସଂସ୍କରରେ ଜାପାନ ଚାମ୍ପିଅନ, ଦକ୍ଷିଣ କୋରିଆ ରନର୍ସଅପ୍ ଏବଂ ଭାରତ ତୃତୀୟ ସ୍ଥାନ ହାସଲ କରିଥିଲା। ଏଥର ଭାରତ ଶ୍ରେଷ୍ଠ ପ୍ରଦର୍ଶନ କରି ଟାଇଟଲ ଜିତିବ ବୋଲି ଆଶା ରହିଛି।

ବିଶ୍ୱକପ୍ ଟିକେଟ୍ ହାସଲ ଲକ୍ଷ୍ୟ : ଭାରତୀୟ ଦଳକୁ ପୁଲ୍ ବିରେ ରଖାଯାଇଛି, ଯେଉଁଥିରେ ଏସିଆ କପ୍ ଚାମ୍ପିଅନ୍ ଜାପାନ, ଥାଇଲାଣ୍ଡ ଏବଂ ସିଙ୍ଗାପୁର ସାମିଲ ଅଛନ୍ତି। ପୁଲ୍ ଏରେ ଆୟୋଜକ ଚୀନ୍, କୋରିଆ, ମାଲେସିଆ ଏବଂ ଚାଇନିଜ୍ ତାଇପେ ଅଛନ୍ତି। ଏସିଆ କପ୍ ଆସନ୍ତା ବର୍ଷ ବେଲଜିୟମ ଏବଂ ନେଦରଲ୍ୟାଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱକପ୍ ପାଇଁ ଏକ ଯୋଗ୍ୟତା ଅର୍ଜନ ଟୁର୍ଣ୍ଣାମେଣ୍ଟ।

# ପୁଣି କ୍ରିକେଟ୍‌କୁ ଫେରୁଛନ୍ତି ରସ୍ ଟେଲର

**ନୂଆଦିଲ୍ଲୀ**



ନ୍ୟୁଜିଲାଣ୍ଡର ପୂର୍ବତନ ଅଧିନାୟକ ରସ୍ ଟେଲର ୪୧ ବର୍ଷ ବୟସରେ କ୍ରିକେଟକୁ ଫେରୁଛନ୍ତି। ପୂର୍ବରୁ ସେ କ୍ରିକେଟ୍‌ରୁ ଅବସର ନେଇ ସାରିଥିବା ବେଳେ ଓମାନରେ ହେବାକୁ ଥିବା ଆଗାମୀ ଏସିଆ-ପୂର୍ବ ଏସିଆ-ପ୍ରଶାନ୍ତ ମହାସାଗରୀୟ ଟି-୨୦ ବିଶ୍ୱକପ୍ ୨୦୨୬ ଯୋଗ୍ୟତା ପାଇଁ ସାମୋଆ କ୍ରିକେଟ ଦଳ ପାଇଁ ଖେଳିବେ ବୋଲି ସୂଚନା ରହିଛି, ଯାହାକି ଟିମ୍‌କୁ ୨୦୨୬ ଟି-୨୦ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବାରେ ସାହାଯ୍ୟ କରିପାରେ। ଶୁକ୍ରବାର ଟେଲରଙ୍କୁ କାଲେବ ଜାସମତଙ୍କ ନେତୃତ୍ୱରେ ୧୫ ଜଣିଆ ଦଳରେ ସ୍ଥାନ ଦିଆଯାଇଛି।

ଏନେଇ ଟେଲର ନିଜେ ତାଙ୍କ ସୋସିଆଲ୍ ମିଡିଆ ଆକାଉଣ୍ଟ୍‌ରେ ଘୋଷଣା କରିଛନ୍ତି। ଟେଲର ଇନଷ୍ଟାଗ୍ରାମରେ ଖେଳକୁ ଫେରିବା କଥା ଉଲ୍ଲେଖ କରି ଲେଖିଛନ୍ତି, ଏହା ଆନୁଷ୍ଠାନିକ ଅଟେ। ମୁଁ ଗର୍ବର ସହିତ ଘୋଷଣା କରୁଛି ଯେ ମୁଁ ନୀଳ ରଙ୍ଗ ପାଇଁ ଖେଳିବି ଏବଂ କ୍ରିକେଟରେ ସାମୋଆରୁ ପ୍ରତିନିଧିତ୍ୱ କରିବି। ଏହା କେବଳ ମୁଁ ଖେଳକୁ ଭଲପାଏ ବୋଲି ଫେରିବି ତାହା ନୁହେଁ। ବରଂ ମୋ ପାଇଁ ମୋ ଐତିହ୍ୟ, ସଂସ୍କୃତି, ଗାଁ ଏବଂ ପରିବାରକୁ ପ୍ରତିନିଧିତ୍ୱ କରିବା ଏକ ବଡ଼ ସମ୍ମାନ। ଟେଲର ଆହୁରି ମଧ୍ୟ କହିଛନ୍ତି ଯେ ଖେଳକୁ ଫେରିବା, ଦଳରେ ଯୋଗଦେବା ଏବଂ ପଡ଼ିଆ ଭିତରେ ଏବଂ ବାହାରେ ମୋର ଅଭିଜ୍ଞତା ବାଣ୍ଟିବାର ସୁଯୋଗ ପାଇଁ ମୁଁ ବେଶ୍ ଉତ୍ସାହିତ। ଉଲ୍ଲେଖଯୋଗ୍ୟ, ୨୦୦୬ ରୁ ୨୦୨୨ ମଧ୍ୟରେ ନ୍ୟୁଜିଲାଣ୍ଡ ପାଇଁ ୧୧୨ ଟେଷ୍ଟ, ୨୩୬ ଦିନିକିଆ ଏବଂ ୧୦୨ ଟି-୨୦ ଖେଳିବା ପରେ ଟେଲର ତାଙ୍କ ନ୍ୟୁଜିଲାଣ୍ଡ କ୍ୟାରିୟରରୁ ଅବସର ନେଇଥିଲେ। ସେ ନ୍ୟୁଜିଲାଣ୍ଡର ସର୍ବକାଳୀନ ଉତ୍ତମ ଖେଳାଳିଙ୍କ ମଧ୍ୟରୁ ଅନ୍ୟତମ। ନଭେମ୍ବର ୨୦୨୦ରେ ଶେଷ ଥର ପାଇଁ ଟି-୨୦ ଫର୍ମାଟରେ ଖେଳିଥିଲେ ମଧ୍ୟ ସେ ଏବେ ବି ନ୍ୟୁଜିଲାଣ୍ଡର ପଞ୍ଚମ ସର୍ବାଧିକ ରନ ସ୍କୋରର ଅଟନ୍ତି।

# ୨୪ ଖୋ ଖୋ ଖେଳାଳିଙ୍କୁ ମିଳିଲା ନିଯୁକ୍ତି

**ନୂଆଦିଲ୍ଲୀ**

ରିକ୍ରୁଟମେଣ୍ଟ ଟ୍ରାଏଲ୍‌ରେ ଉତ୍ତୀର୍ଣ୍ଣ ହେବା ପରେ ସ୍ପୋର୍ଟସ କୋଟା ଜରିଆରେ ୨୪ ଖୋ ଖୋ ଖେଳାଳିଙ୍କୁ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ସିଆଇଏସ୍‌ଏଫ୍)ରେ ନିଯୁକ୍ତି ମିଳିଛି। ସେମାନଙ୍କ ମଧ୍ୟରେ ୧୨ଜଣ ମହିଳା ରହିଛନ୍ତି। ନିଯୁକ୍ତି ପାଇଥିବା ଖେଳାଳିମାନଙ୍କ ମଧ୍ୟରେ ଅଲ୍‌ଟିମେଟ୍ ଖୋ ଖୋରେ ମୁମ୍ବାଇ ଖିଲାଡ଼ିଜ୍ ତରଫରୁ ଖେଳୁଥିବା ଶେନଗାଲ ଗଜାନନ ମାରୁତି ଓ ବିସାଗ ଏସ୍ ଅନ୍ୟତମ ରହିଛନ୍ତି। ସେହିପରି ମିନୁ ଖୋ ଖୋ ବିଶ୍ୱକପ୍‌ରେ ଭାରତରୁ ପ୍ରତିନିଧିତ୍ୱ କରିଥିବା ବେଳେ ସ୍ୱିଟି, ଅନନ୍ୟା ପ୍ରଧାନ ଭାରତ ବନାମ ମାଲେସିଆ ଦ୍ୱିପାକ୍ଷିକ ସିରିଜରେ ଖେଳିଥିଲେ। ଏହି ପରିପ୍ରେକ୍ଷୀରେ ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ (କେକେଏଫ୍‌ଆଇ) ସଭାପତି ସୁଧାଂଶୁ ମିତ୍ତଲ କହିଛନ୍ତି ଦେଶରେ ଖୋ ଖୋ ଖେଳ କ୍ରମେ ଲୋକପ୍ରିୟ ହେବାରେ ଲାଗିଛି। ନିଯୁକ୍ତି ସୁଯୋଗ ଯୋଗୁ ଏହି ଖେଳକୁ କ୍ୟାରିୟର କରିବା ଲାଗି ଯୁବପିଢ଼ି ଆଗଭର ହେବେ ବୋଲି ତାଙ୍କର ଆଶା।

# ରଣ୍ଡାଠାରେ ବ୍ଲକସ୍ତରୀୟ ହ୍ୟାଣ୍ଡବଲ ଚୟନ ଶିବିର-୨୦୨୫



**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ରଣ୍ଡାଠାରେ ପୁଇଁତଳା ବ୍ଲକସ୍ତରୀୟ ହ୍ୟାଣ୍ଡବଲ ଚୟନଶିବିର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦୀପାଞ୍ଜଳି ଯୋଷୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ପୁଇଁତଳା ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଲଛମନ ପଧାନ ମୁଖ୍ୟଅତିଥି ଓ ବ୍ଲକ କ୍ରୀଡ଼ା ସଂପାଦକ ସୁଶାନ୍ତ କୁମାର ନାଗ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ଏହି ଚୟନ ଶିବିରରେ ପୁଇଁତଳା ବ୍ଲକର ୧୦ଟି ଉଚ୍ଚବିଦ୍ୟାଳୟରୁ ୭୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ମନୋନୀତ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ପ୍ରତିଯୋଗୀତା ଖପ୍ରାଖୋଲ ଠାରେ ଅଂଶଗ୍ରହଣ କରିବେ ବୋଲି କ୍ରିଡାସଂପାଦକ କହିଥିଲେ। ସଭାକୁ ରଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ଅନୀତା ମାଝୀ ସଂଯୋଜନା କରିଥିବା ବେଳେ ଖେଳ ଶିକ୍ଷୟିତ୍ରୀ ରଶ୍ମୀରେଖା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ବ୍ଲକରୁ ଆସିଥିବା ସମସ୍ତ କ୍ରୀଡ଼ାଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ରଣ୍ଡା ଉଚ୍ଚବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଏସିଆ କପ୍ ଟି-୨୦ : ୟୁଏଇର ନେତୃତ୍ୱ ନେବେ ୱାସିମ

**ଆବୁଧାବି**

ଆସନ୍ତା ଏସିଆ କପ୍ ଟି-ଟ୍ୱେଣ୍ଟି ଟୁର୍ଣ୍ଣାମେଣ୍ଟ ପାଇଁ ଆୟୋଜକ ୟୁଏଇ ଦଳ ଘୋଷଣା ହୋଇଛି। ଓପନିଂ ବ୍ୟାଟର ମହମ୍ମଦ ୱାସିମ ଦଳର ନେତୃତ୍ୱ ନେବେ। ପେସ୍ ବୋଲର ମାତିଉଲ୍ଲା ଖାନ୍ ଓ ବାମ ହାତି ସ୍ପିନର ସିମରନଜିତ ସିଂହ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ଚଳିତ ତ୍ରି-ରାଷ୍ଟ୍ରୀୟ ଟି-ଟ୍ୱେଣ୍ଟି ସିରିଜରେ ଦଳର ସଦସ୍ୟ ଥିବା ସମସ୍ତ ଖେଳାଳି ସ୍ଥାନ ବଜାୟ ରଖିଛନ୍ତି।

ୟୁଏଇ ଦୀର୍ଘ ଦିନ ପରେ ଏସିଆ କପ୍ ଖେଳିବାକୁ ଯାଉଛି। ଶେଷ ଥର ଦଳ ୨୦୧୬ ସଂସ୍କରଣରେ ଭାଗ ନେଇଥିଲା। ଏଥର ଦଳ ଗ୍ରୁପ୍-ଏ'ରେ ଭାରତ, ଓମାନ, ପାକିସ୍ତାନ ସହ ସ୍ଥାନ ପାଇଛି। ଆସନ୍ତା ୯ ତାରିଖରୁ ଏସିଆ କପ୍ ଆରମ୍ଭ ହୋଇ ୨୮ ତାରିଖରେ ଶେଷ ହେବ। ୟୁଏଇ ୧୦ ତାରିଖ ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ ବିପକ୍ଷରେ ଅଭିଯାନ ଆରମ୍ଭ କରିବ।

ୟୁଏଇ ଦଳ : ମହମ୍ମଦ ୱାସିମ (ଅଧିନାୟକ), ଆଲିଶନ ଶରାଫୁ, ଆର୍ଯ୍ୟଂଶ ଶର୍ମା, ଆସିଫ୍ ଖାନ, ଧ୍ରୁବ ପରାଶର, ଇଥାନ ଡି'ସୌଜା, ହାଇଦର ଅଲି, ହର୍ଷିତ କୌଶିକ, ଜୁନୈଦ ସିଦ୍ଦିକି, ମାତିଉଲ୍ଲା ଖାନ, ମହମ୍ମଦ ଫାରୁକ, ମହମ୍ମଦ ଜୱାଦୁଲ୍ଲା, ମହମ୍ମଦ ଜୋହେବ, ରାହୁଲ ଚୋପ୍ରା, ରୋହିଦ ଖାନ, ସିମରନଜିତ ସିଂହ, ସାଘିର ଖାନ୍।




# କ୍ରମାଗତ ଦ୍ୱିତୀୟ ଥର ଫାଇନାଲରେ ଆନିସିମୋଭା-ସାବାଲେଙ୍କା

**ନ୍ୟୁୟର୍କ**

ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଚାମ୍ପିୟନସିପ୍‌ର ମହିଳା ସିଙ୍ଗଲ୍ସ ଫାଇନାଲ ମ୍ୟାଚ ଶନିବାର ଆମେରିକାର ଆମାଣ୍ଡା ଆନିସିମୋଭା ଓ ନମ୍ବର-୧ ଖେଳାଳି ବେଲାରୁଷର ଆରିନା ସାବାଲେଙ୍କାଙ୍କ ମଧ୍ୟରେ ହେବ। ଆନିସିମୋଭା ଏକ ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ଚାରି ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଜାପାନର ନାଓମି ଓସାକାଙ୍କୁ ୬-୭ (୪), ୭-୬ (୩), ୬-୩ରେ ହରାଇ ଦେଇଛନ୍ତି। ମହିଳା ଟେନିସ୍‌ର ଦୁଇ ଶକ୍ତିଶାଳୀ ଫାଷ୍ଟ ଷ୍ଟ୍ରାଇକ୍ ହିଟରଙ୍କ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚ ଦୀର୍ଘ ୨ଘଣ୍ଟା ୫୬ ମିନିଟ ଧରି ଚାଲିଥିଲା।

ନ୍ୟୁଜର୍ସିରେ ଜନ୍ମ ଗ୍ରହଣ କରିଥିବା ଫ୍ଲୋରିଡ଼ାରେ ବଢ଼ିଥିବା ୨୪ବର୍ଷୀୟା ୮ମ ସିଡ ଆନିସିମୋଭା ତାଙ୍କର କ୍ରମାଗତ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳିବାକୁ ଯାଉଛନ୍ତି। ଅନ୍ୟପକ୍ଷରେ ଗତଥରର ଚାମ୍ପିୟନ ବେଲାରୁଷର ସାବାଲେଙ୍କା ସେମିଫାଇନାଲରେ ଆମେରିକାର ଜେସିକା ପେଗୁଲାଙ୍କୁ ୪-୬, ୬-୩, ୬-୪ରେ ହରାଇ ଦେଇଛନ୍ତି। ଫଳରେ ଏହି ଚାମ୍ପିୟନସିପ୍‌ରେ ଆନିସିମୋଭା ଓ ସାବାଲେଙ୍କାଙ୍କ ମଧ୍ୟରେ କ୍ରମାଗତ ଦ୍ୱିତୀୟ ଥର ଫାଇନାଲ ଅନୁଷ୍ଠିତ ହେବାକୁ ଯାଉଛି।

# ଗୁରୁକୁଳ ଇଣ୍ଟରନ୍ୟାସନାଲରେ ଧୁମ୍‌ଧାମ୍‌ରେ ପାଳନ ହେଲା ଗୁରୁ ଦିବସ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଶୁକ୍ରବାର ଦିନ ଗୁରୁକୁଳ ଆନ୍ତର୍ଜାତୀୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପରିସରରେ ଅତି ଆଡ଼ମ୍ବର ସହକାରେ ଗୁରୁଦିବସ ପାଳନ ହୋଇଯାଇଛି। ଉକ୍ତ ଉତ୍ସବରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ଚ୍ୟାଉ ପଟ୍ଟନାୟକ ମୁଖ୍ୟ ଅତିଥି, ସାମ୍ବାଦିକ ଅଶୋକ କୁମାର ବ୍ରହ୍ମା ସମ୍ମାନୀୟ ଅତିଥି, ବରିଷ୍ଠ ଚାଟାର୍ଡ ଆକାଉଣ୍ଟାଣ୍ଟ ତ୍ରିଲୋଚନ ମହାପାତ୍ର ମୁଖ୍ୟ ବକ୍ତା, ବିଦ୍ୟାଳୟର ସଭାପତି ପ୍ରଶାନ୍ତ ମହାପାତ୍ର, ସଂପାଦିକା ଅନୀତା କୁମାରୀ ପାଢୀ ଓ ଅଧ୍ୟକ୍ଷ ସୁନୀଲ କୁମାର ବଡ଼ପଣ୍ଡା ଅତିଥି ରୂପେ ଯୋଗ ଦେଇ ଡ. ସର୍ବପଲ୍ଲୀ ରାଧାକୃଷ୍ଣଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣାଦାୟୀ ଉଦ୍‌ବୋଧନ ଦେଇ ଜୀବନରେ ଗୁରୁମାନଙ୍କର ମହତ୍ୱ ପ୍ରତିପାଦନ କରିଥିଲେ। ଛାତ୍ରଛାତ୍ରୀମାନେ ଚନ୍ଦନ ସିନ୍ଦୁର ପୁଷ୍ପ ଦେଇ ଅତିଥିମାନଙ୍କ ସହ ସମସ୍ତ ଗୁରୁଙ୍କୁ ପୂଜନ କରି ସେମାନଙ୍କ ଠାରୁ ଆଶୀର୍ବାଦ ଲାଭ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଗୁରୁମାନଙ୍କର ପରୋକ୍ଷ ତତ୍ତ୍ୱାବଧାନରେ ବିଦ୍ୟାର୍ଥୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ହିନ୍ଦୀ, ଇଂରାଜୀ ଓ ଓଡ଼ିଆ ଭାଷାରେ ଭାଷଣ ଉପସ୍ଥାପନ କରିଥିଲେ। ବିଦ୍ୟାଳୟ ତରଫରୁ ଆୟୋଜିତ ମିଷ୍ଟାନ୍ନ ଖାଇ ଘରକୁ ଫେରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସାଂସ୍କୃତିକ ବିଭାଗ ଶୃଙ୍ଖଳିତ ଭାବେ ସୁପରିଚାଳନା କରିଥିଲେ।



# ଜିଲ୍ଲାବ୍ୟାପୀ ପ୍ରାଣୀ ଚିକିତ୍ସକଙ୍କ କଳାବ୍ୟାଜ୍ ପରିଧାନ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ପ୍ରାଣୀ ଚିକିତ୍ସକମାନଙ୍କ ବିଭିନ୍ନ ଦାବି ନେଇ ସମୂହ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। କାର୍ଯ୍ୟ କ୍ଷେତ୍ରରେ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ ଜାରି ରଖିଛନ୍ତି। ସେବା ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତରଣର ଆବଶ୍ୟକତା ସମ୍ପର୍କରେ ଦାବି କରି ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘର ମୟୂରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାର ୪୨ଗୋଟି ପ୍ରାଣୀ ଚିକିତ୍ସା କେନ୍ଦ୍ରର ପ୍ରାଣୀ ଚିକିତ୍ସକ ପ୍ରତିବାଦ କରିଛନ୍ତି। ଏନେଇ ବାରିପଦା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରି ଦାବି ଉପସ୍ଥାପନ କରିଛନ୍ତି। ଗତ ପାଞ୍ଚ ଦଶନ୍ଧି ମଧ୍ୟରେ ରାଜ୍ୟରେ ପ୍ରାଣୀ ପାଳନର ପରିଭାଷା ବଦଳିଛି। ସହରୀକରଣ, ଔଦ୍ୟୋଗିକରଣ ଓ ସୂଚନା ପ୍ରଯୁକ୍ତି ବିଦ୍ୟାର ପ୍ରଗତି ପ୍ରାଣୀପାଳନ ବ୍ୟବସ୍ଥାକୁ ପ୍ରଭାବିତ କରିଛି। କିନ୍ତୁ ପ୍ରାଣୀ ଚିକିତ୍ସକ ସୁବିଧା ସୁଯୋଗ ହେଉନି। ପ୍ରାଣୀ ଚିକିତ୍ସକମାନଙ୍କ ଚାକିରି କ୍ଷେତ୍ରରେ ପଦୋନ୍ନତି ସୁବିଧା ରହୁନାହିଁ। ଦୀର୍ଘ ୨୨ରୁ ୨୩ ବର୍ଷ ଧରି ଗୋଟିଏ ଦରମା ହାରରେ କାର୍ଯ୍ୟ କରୁଛନ୍ତି। ଏହାସହିତ ଚିକିତ୍ସା କେନ୍ଦ୍ରର ଅଧିନସ୍ଥ କର୍ମଚାରୀ ପଦବୀ ଖାଲି ପଡିଛି। ଫଳରେ ପ୍ରାଣୀ ଚିକିତ୍ସକଙ୍କୁ ଅଧିକ ଚାପ ପଡୁଛି। ତେଣୁ ଆବଶ୍ୟକ କ୍ୟାଡରର ପୁନଃଗଠନ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। କେନ୍ଦ୍ରୀୟ ହାରରେ ଡିଏସପି ଏବଂ ଏନ୍‌ପିଏ ଯୋଜନାରେ ଅର୍ନ୍ତଭୁକ୍ତ କରିବାକୁ ଦାବି କରାଯାଇଛି। ଏନେଇ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ, ପ୍ରମୁଖ ଶାସନ ସଚିବଙ୍କୁ ସଂଘ ପକ୍ଷରୁ ବାରମ୍ବାର ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଏନେଇ ପ୍ରାଣୀ ଚିକିତ୍ସା ସେବା ସଂଘ ଗତ ବର୍ଷ ଆନ୍ଦୋଳନ କରିଥିଲେ ସୁଦ୍ଧା ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ପ୍ରାଣୀ ପାଳନ ବିଭାଗର ସମ୍ପୂର୍ଣ୍ଣ ରୂପାନ୍ତରଣ ସହିତ ସେଥିପାଇଁ ଆବଶ୍ୟକ କ୍ୟାଡ଼ର ପୁନର୍ଗଠନ ପାଇଁ ସଂଘ ଦାବି କରିଛି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ପ୍ରାଣୀ ଚିକିତ୍ସକମାନେ କଳା ବ୍ୟାଚ ପରିଧାନ କରି ପ୍ରତିବାଦ କରିବେ। ଆବଶ୍ୟକସ୍ଥଳେ ସମୂହ ଛୁଟିରେ ରହି ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ସଂଘର ପ୍ରାଣୀ ଚିକିତ୍ସକମାନେ ଉପସ୍ଥିତ ରହି ପ୍ରତିବାଦ ପ୍ରଦର୍ଶନ କରିଛନ୍ତି।

# ସୁବର୍ଣ୍ଣପୁର ଜିଲ୍ଲାରେ ୯୪,୫୦୦ ଚାରା ରୋପଣ ହେବ : ଜିଲ୍ଲାପାଳ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବନଖଣ୍ଡ ଠାରେ 'ଏକ୍ ପେଡ୍ ମା କେ ନାମ' ଗଛ ବିତରଣ କାର୍ଯ୍ୟକ୍ରମକୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଡଃ ନୃପ ରାଜ ସାହୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିବା ବେଳେ ଚାରା ବଣ୍ଟନ କାର୍ଯ୍ୟକ୍ରମକୁ ସଫଳ କରାଇ ପରିବେଶ ସୁରକ୍ଷା ପାଇଁ ସମସ୍ତେ ସଂକଳ୍ପ ନେବାକୁ ପରାମର୍ଶ କରିଥିଲେ। ସବୁ ପଞ୍ଚାୟତକୁ ଗଛ ପଠାଇଲେ ସୁବର୍ଣ୍ଣପୁର ଜିଲ୍ଲାପାଳ। ଜିଲ୍ଲାପାଳଙ୍କ ସରକାରୀ ବାସଭବନ ସମ୍ମୁଖରେ ଆୟୋଜନ ହୋଇଥିବା ଏହି କାର୍ଯ୍ୟକମକୁ ସୁବର୍ଣ୍ଣପୁର ଜିଲ୍ଲା ବନଖଣ୍ଡ ଅଧିକାରୀ ମଦନ ଲାଲ୍ ଶର୍ମା ସଂଯୋଜନା କରିଥିଲେ। ଫରେଷ୍ଟର ଭକ୍ତ ବନ୍ଧୁ ମିଶ୍ରଙ୍କ ସମେତ ବନ ବିଭାଗର ସମସ୍ତ ଅଧିକାରୀ ଏଥିରେ ସହଯୋଗ କରିଥିଲେ। ଦୁଇଟା ଗାଡ଼ିରେ ଜିଲ୍ଲାର ବିଭିନ୍ନ ପଞ୍ଚାୟତକୁ ଗଛ ଗଛ ବିତରଣ ପାଇଁ ଯାଇଥିବା ବେଳେ ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ସାରା ଜିଲ୍ଲାରେ ଦିନିକିଆ ବନୀକରଣ କାର୍ଯ୍ୟକ୍ରମ ହେବ। ଜିଲ୍ଲାର ୧୦୯ ଗୋଟି ପଞ୍ଚାୟତରେ ୫୦୦ଟା ଲେଖାଏଁ ୫୪ ହଜାର ୫୦୦ ଗୋଟି ଗଛ ବିତରଣ ସହ ବନ ବିଭାଗରୁ ୪୦ ହଜାର ଗଛ ସର୍ବମୋଟ ୯୪, ହଜାର ୫୦୦ ଗଛ ସାରା ଜିଲ୍ଲାରେ ଏହି ଯୋଜନାରେ ବୃକ୍ଷ ରୋପଣ ହେବ ବୋଲି ଡିଏଫ୍‌ଓ ଶ୍ରୀ ଶର୍ମାଙ୍କ ଠାରୁ ସୂଚନା ମିଳିଛି। ପ୍ରତି ପଞ୍ଚାୟତକୁ ଶ୍ରୀ ଶର୍ମା ପରିଦର୍ଶନ କରି ଏହାର ତଦାରଖ କରିବେ ଓ ଜିଲ୍ଲାପାଳ ଡଃ ସାହୁ ମଧ୍ୟ ବିଭିନ୍ନ ଅଞ୍ଚଳକୁ ଅଚାନକ ପରିଦର୍ଶନ କରି ଏହି ଯୋଜନାର ତଦାରଖ କରିବେ ବୋଲି ସୂଚନା ମିଳିଛି।

# 'ପୌରାଞ୍ଚଳର ବିକାଶ ନେଇ ସମସ୍ତଙ୍କ ସହଭାଗିତା ଆବଶ୍ୟକ'

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ଅବସରରେ ବାରିପଦା ପୌରପାଳିକା ପକ୍ଷରୁ ଆୟୋଜିତ ୩ଦିନିଆ ସମାରୋହ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ସମାରୋହରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲୋକସଭା ସାଂସଦ ନବ ଚରଣ ମାଝୀ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଉପ ନଗରପାଳ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ବାରିପଦା ତହସିଲଦାର ସପନ କୁମାର ସାହୁ ପ୍ରମୁଖ ଯୋଗ ଦେଇ ମଞ୍ଚାସୀନ ହୋଇଥିଲେ। ନଗରପାଳ ଶ୍ରୀ ମହାନ୍ତିଙ୍କ ନେତୃତ୍ୱରେ ବିଭିନ୍ନ ଯୋଜନାରେ ବାରିପଦା ପୌରପାଳିକା ସଫଳତାର ସହିତ କାର୍ଯ୍ୟ କରିଥିବାରୁ ସହରର ବିକାଶ ଦ୍ରୁତଗତିରେ ଆଗେଇ ଚାଲିଥିବାରୁ ବକ୍ତାମାନେ ବାରିପଦା



ପୌରପାଳିକାକୁ ପ୍ରଶଂସା କରିଥିଲେ। ବାରିପଦା ସହରର ବିଭିନ୍ନ ସମସ୍ୟା, ସ୍ୱଚ୍ଛତା, ସାମାଜିକ ନିରାପତ୍ତା, ବସ୍ତି ଉନ୍ନୟନ, ପାନୀୟ ଜଳ, ଷ୍ଟ୍ରିଟ୍ ଲାଇଟ୍ ଓ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ କରିବା ପାଇଁ ସଫଳତାର ସହିତ କାର୍ଯ୍ୟ ଜାରି ରହିଛି। ବାରିପଦା ସହର ବାସିନ୍ଦାଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୱାର୍ଡରେ ପାର୍କ, ସହରର ବିଭିନ୍ନ ସ୍ଥାନରେ ମୁକ୍ତ ସ୍ଥାନ ସୌନ୍ଦର୍ଯ୍ୟକରଣ, ପରିଶ୍ରାଗାର, ୱାକିଂ ଟ୍ରାକ, ପେଭର ରୋଡ, ଡ୍ରେନ, ପବ୍ଲିକ ଓପନ ଜିମ ଓ ଭେଣ୍ଡିଂ ଜୋନ ଆଦି ଆଗକୁ କରାଯିବ। ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ସ୍ୱଚ୍ଛ ସର୍ବେକ୍ଷଣରେ ଆଗକୁ ସର୍ବଭାରତୀୟ ସ୍ତରରେ ବାରିପଦା ପୌରପାଳିକାକୁ ପ୍ରଥମ କରିବାକୁ ପ୍ରୟାସ ଜାରି ରହିବ। ଜାତି, ଧର୍ମ, ବର୍ଣ୍ଣ, ଦଳମତ ନିର୍ବିଶେଷରେ ଆମେ ସମସ୍ତେ ଏକ ହେଲେ, ସମସ୍ତଙ୍କ ମିଳିତ ପ୍ରୟାସ ଓ ସହଭାଗିତାରେ ବିଭିନ୍ନ କ୍ଷେତ୍ରରେ ବିକାଶ କରାଇ ବାରିପଦା ସହରକୁ ଏକ ସବୁଜ ସୁନ୍ଦର ସୁସ୍ଥ ସ୍ୱଚ୍ଛ ସହର ଭାବେ ଗଢି ତୋଳିବା ସମ୍ଭବ ହେବ ବୋଲି ମୁଖ୍ୟ ଅତିଥି ମନ୍ତ୍ରୀ ଡା. ମହାପାତ୍ର ପ୍ରକାଶ କରିଛନ୍ତି। ସ୍ୱାୟତ୍ତ ଦିବସ ପାଳନ ଉଦ୍‌ଯାପନୀ ଅବସରରେ ବାରିପଦା ସହରରେ ୱାର୍ଡ ନମ୍ବର ୨୭ ତକତପୁର, ୱାର୍ଡ ନମ୍ବର ୨୧ ମୁର୍ଗାବାଡ଼ି, ୱାର୍ଡ ନମ୍ବର ୦୯ ବାରୁଣୀ ରୋଡ଼, କୃଷ୍ଣଚନ୍ଦ୍ର ଗୋଳେଇରେ ମାର୍କେଟ କମ୍ପ୍ଲେକ୍ସ, ଚାରି ଚକିଆ ଇଲେକ୍ଟ୍ରି ଯାନ ପାଇଁ ଚାର୍ଜୀଂ ଷ୍ଟେସନର ଶିଳାନ୍ୟାସ ସହିତ ବେଲଗଡ଼ିଆ ଠାରେ ଦୁଇ ଚକିଆ ଇଲେକ୍ଟ୍ରି ଯାନ ପାଇଁ ଚାର୍ଜୀଂ ଷ୍ଟେସନ ଓ ମାର୍କେଟ କମ୍ପ୍ଲେକ୍ସ ଶୁଭ ଉଦ୍‌ଘାଟନ ବିଷୟରେ ଉଲ୍ଲେଖ କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ତଥା ସମାଜ ସେବୀ ଡ. ବିଜୟ କୁମାର ଅଗ୍ରୱାଲ, ସମାଜସେବୀ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ, ବହୁବାର ରକ୍ତଦାନ କରି ଅମୂଲ୍ୟ ଜୀବନ ବଞ୍ଚାଇଥିବା ସମାଜସେବୀ ଅମର ସେଠୀ, ଶବ ବାହକ ଗାଡିର ଚାଳକ ପ୍ରମୋଦ କୁମାର ବେହେରାଙ୍କୁ ତାଙ୍କର ମହତ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ବାରିପଦା ପୌରପାଳିକା ସ୍ୱଚ୍ଛତା ପାଇଁ ବିଭିନ୍ନ କାର୍ଯ୍ୟ କରୁଥିବା ଯଥା ମୋ ଖତ, ଏମସିସି ପ୍ଲାଣ୍ଟ, ଶୃଙ୍ଖଳା ବର୍ଜ୍ୟ ବସ୍ତୁର ପୃଥକିକରଣ କେନ୍ଦ୍ର, ମଳ ବିଶୋଧନ କେନ୍ଦ୍ର ଇତ୍ୟାଦିର କର୍ମଚାରୀମାନଙ୍କୁ ସେମାନଙ୍କ ମହତ ଅବଦାନ ପାଇଁ ପୁରସ୍କୃତ କରାଯିବା ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇ ଥିଲା। ଏହାପରେ ପୌରପାଳିକା ତରଫରୁ ନିମନ୍ତ୍ରିତ ଅତିଥିମାନଙ୍କୁ ଉତ୍ତରୀୟ, ଉପଢୌକନ ଓ ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୌରପାଳିକାର ୱାର୍ଡ କାଉନସିଲର, ପୌର କର୍ମଚାରୀ, ସ୍ୱଚ୍ଛ ସାଥି, ସଫେଇ କର୍ମଚାରୀ, ଜମାଦାର, ସ୍ୱର୍ଗରଥ ଚାଳକ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କାଶୀପୁର ବ୍ଲକ୍‌ରେ ଚାରା ବର୍ଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ଜଙ୍ଗଲ ପରିବେଶ ଓ ଜଳବାୟୁର ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶାରେ ସମସ୍ତ ଜିଲ୍ଲା ବନଖଣ୍ଡ ବିଭାଗ ପକ୍ଷରୁ ଚାରା ବର୍ଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍‌ର ବନାଞ୍ଚଳ ଅଧିକାରୀ ଆନ୍ତର୍ଯ୍ୟାମୀ ସାହୁଙ୍କ ତତ୍ତ୍ୱାବଧାନରେ ଚାରା ଉତ୍ପାଦନ କେନ୍ଦ୍ର ଠାରୁ ଚାରା ବର୍ଣ୍ଟନ ଭ୍ରମ୍ୟମାଣ ଯାନର ଶୁଭାରମ୍ଭର କାର୍ଯ୍ୟକ୍ରମ ହୋଇଥିଲା। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମର ମୁଖ୍ୟ ସ୍ଲୋଗାନ ଥିଲା ମା' ପାଇଁ ଗଛଟିଏ ଲଗାନ୍ତୁ ପ୍ରଳୟକୁ ଦିନକୁ ଦିନ ଘୁଞ୍ଚାନ୍ତୁ, ଏହି କାର୍ଯ୍ୟକ୍ରମରେ କାଶୀପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସୋଏ, ବ୍ଲକ ଅଧ୍ୟକ୍ଷ କଣ୍ଠ ମାଝୀ, କାଶୀପୁର ମଣ୍ଡଳ ସଭାପତି କାମଳ ଲୋଚନ ନାୟକ ଓ ଦୁଷ୍ମନ୍ତ ନାୟକ ସାଙ୍ଗକୁ ବାନାଞ୍ଚଳ ରେଞ୍ଜ ଅଧିକାରୀ ଅନ୍ତର୍ଯ୍ୟାମୀ ସାହୁ, ଫରେଷ୍ଟର ଦୀନବନ୍ଧୁ ଶବର, ମଣ୍ଡିବିଶି ଫରେଷ୍ଟର ସୁରେଶ କୁମାର ମିଶ୍ର, ଫରେଷ୍ଟ ଗାର୍ଡ ଶୁଭସ୍ମିତା ନାୟକ ମନୋସ୍ମିତା ପାଣିଗ୍ରାହୀ, ସୋନାଲି ସ୍ୱାଇଁ, ଜଗଦିଶ ନାୟକ ଓ ଜଙ୍ଗଲ ସୁରକ୍ଷା କର୍ମୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ସହ ଅଞ୍ଚଳବାସୀଙ୍କୁ ଚାରା ବର୍ଣ୍ଟନ କାରି ବୃକ୍ଷ ହିଁ ଜୀବନ, ମା' ପାଇଁ ଗଛଟିଏ ଲଗାନ୍ତୁ, ପରିବେଷକୁ ଦୂଷିତ ଓ ଜଳବାୟୁର ସନ୍ତୁଳନ ରକ୍ଷା କରନ୍ତୁ।

ଭୁବନେଶ୍ୱର
୦୬ ସେପ୍ଟେମ୍ବର,
ଶନିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ସମ୍ବଲପୁର ମହାନଗର ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୫।୯ :ନ୍ୟୁଜ୍‌ବ୍ୟୁରୋ**

ସମ୍ବଲପୁର ପୌର ନିଗମ ନିର୍ବାଚନ ପାଇଁ ବାଟ ଫିଟିଛି। ୨୦୧୫ରୁ ହାଇକୋର୍ଟରେ ବିଚାରାଧୀନ ଏ ସଂପର୍କିତ ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ସଂରକ୍ଷଣ ନିୟମ ଉଲ୍ଲଂଘନ କରି ନବ ଗଠିତ ସମ୍ବଲପୁର ପୌର ନିଗମ ୱାର୍ଡ ସଂରକ୍ଷଣ ବିଜ୍ଞପ୍ତି ପ୍ରକାଶ କରାଯାଇଥିବା ଅଭିଯୋଗକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ୱାର୍ଡ ସଂରକ୍ଷଣ ସଂପର୍କିତ ବିଜ୍ଞପ୍ତିକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ସଂରକ୍ଷଣ ୫୦ ପ୍ରତିଶତ ଭିତରେ ସୀମିତ ରଖି ତଥା ସଂରକ୍ଷଣ ନିୟମାବଳୀ ପାଳନ କରି ସମ୍ବଲପୁର ପୌର ନିଗମର ୱାର୍ଡ ସଂରକ୍ଷଣ ନେଇ ସାନି ବିଜ୍ଞପ୍ତି ୬ ସପ୍ତାହ ଭିତରେ ପ୍ରକାଶ କରିବା ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ଅଜୟ କୁମାର ମହାନ୍ତିଙ୍କ ତରଫରୁ ଦାୟର ଆବେଦନର ଶୁଣାଣିରେ ହାଇକୋର୍ଟ ଅନ୍ତ ଘଟାଇଛନ୍ତି। ଜଷ୍ଟିସ ଆର.କେ. ପଟ୍ଟନାୟକଙ୍କୁ



ନେଇ ଗଠିତ ଖଣ୍ଡପୀଠ ଏ ସଂପର୍କିତ ମାମଲର ଶଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି। ନବଗଠିତ ସମ୍ବଲପୁର ପୌର ନିଗମ ପାଇଁ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ୱାର୍ଡ ସଂରକ୍ଷଣ ନେଇ ବିଜ୍ଞପ୍ତି ଜାରି କରିଥିଲେ। ୫୦ ପ୍ରତିଶତରୁ ଅଧିକ ୱାର୍ଡ ସଂରକ୍ଷିତ ବର୍ଗଙ୍କ ପାଇଁ ରଖାଯାଇ ବିଜ୍ଞପ୍ତି ପ୍ରକାଶିତ କରାଯାଇଥିବା ଅଭିଯୋଗ ହୋଇଥିଲା। ସଂରକ୍ଷଣ ନିୟମ ଅନୁସାରେ ୫୦ ପ୍ରତିଶତରୁ ଅଧିକ ସଂରକ୍ଷଣ ପ୍ରଦାନ କରାଯାଇ ପାରିବ ନାହିଁ। ଏପରି କରାଯିବା ସୁପ୍ରିମକୋର୍ଟଙ୍କ ରାୟର ଉଲ୍ଲଂଘନ ବୋଲି ଦର୍ଶାଇ ହାଇକୋର୍ଟରେ ଅଜୟ କୁମାର ମହାନ୍ତି ମାମଲା ଦାୟର କରିଥିଲେ। ୨୦୧୫, ଏପ୍ରିଲ ୨ରେ ହାଇକୋର୍ଟ ମାମଲାର ପ୍ରାରମ୍ଭିକ ଶୁଣାଣି କରି ଏପରି ଏହି ପ୍ରସଙ୍ଗରେ ଅନ୍ତରୀଣ ଅଙ୍କୁଶ ଜାରି କରିଥିଲେ। ଏହି ମାମଲା ବିଚାରାଧୀନ ଥିବା ବେଳେ ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ ପାଇଁ ସମ୍ବଲପୁର ପୌର ନିଗମ ନିର୍ବାଚନ ହୋଇପାରୁ ନଥିଲା। ମାମଲାରେ ସମ୍ବଲପୁର ପୌରାଞ୍ଚଳର ପ୍ରକାଶ କୁମାର ଶତପଥୀ ଇଣ୍ଟରଭେନର ଭାବେ ପକ୍ଷଭୁକ୍ତ ହୋଇଥିଲେ। ମାମଲାର ଚୂଡ଼ାନ୍ତ ପର୍ଯ୍ୟାୟ ଶୁଣାଣି ହୋଇଯାଇଛି। ସୂଚନାଯୋଗ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ୨୦୧୩, ସେପ୍ଟେମ୍ବର ୧୫ରେ ସମ୍ବଲପୁର ପୌର ନିଗମ ଗଠନ ନେଇ ବିଜ୍ଞପ୍ତି ପ୍ରକାଶ କରିଥିଲା। ହୀରାକୁଦ ଏନଏସି, ବୁର୍ଲା ଏନଏସି ଓ ୧୨ଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ ହୋଇଥିଲା ସମ୍ବଲପୁର ମହାନଗର ନିଗମ। ଆଶା ଥିଲା ଜନପ୍ରତିନିଧି ଆସିବେ ଆଉ ଲୋକଙ୍କ ସମସ୍ୟାର ସମାଧାନ ହେବ। ସମ୍ବଲପୁର ପୌରାଞ୍ଚଳର ବାସିନ୍ଦା ମୌଳିକ ସୁବିଧା ପାଇବେ। କିନ୍ତୁ ପୌର ନିଗମର ନବ ଗଠିତ ୱାର୍ଡଗୁଡ଼ିକର ପ୍ରକାଶିତ ସଂରକ୍ଷଣ ବିଜ୍ଞପ୍ତିକୁ ନେଇ ବିବାଦ ଦେଖା ଦେଇଥିଲା। ଆଇନଗତ ବିବାଦ ଭିତରେ ସମ୍ବଲପୁର ପୌର ନିଗମ ନିର୍ବାଚନ ହୋଇ ପାରୁ ନଥିଲା। ୧୧ ବର୍ଷ ଧରି ଅଟକି ରହିଥିବା ସମ୍ବଲପୁର ମହାନଗର ନିଗମର ନିର୍ବାଚନ ନେଇ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ ଆସିଛି। ସମ୍ବଲପୁର ମହାନଗର ନିଗମର ୱାର୍ଡ ସଂରକ୍ଷଣ ସମ୍ପର୍କିତ ବିଜ୍ଞପ୍ତିକୁ ରଦ୍ଦ କରିଛନ୍ତି ହାଇକୋର୍ଟ। ୨୦୧୫ରେ ଜାରି ହୋଇଥିବା ବିଜ୍ଞପ୍ତିକୁ ରଦ୍ଦ କରିଛନ୍ତି ହାଇକୋର୍ଟ। ଏଥିସହ ଆସନ୍ତା ୬ ସପ୍ତାହ ମଧ୍ୟରେ ସଂରକ୍ଷଣ ଆଇନ ଆଧାରରେ ସାନି ବିଜ୍ଞପ୍ତି ଜାରି କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ସଂରକ୍ଷଣ ଆଇନର ଉଲ୍ଲଂଘନ ନେଇ ଦାୟର ହୋଇଥିଲା ମାମଲା। ୧୧ ବର୍ଷ ହେଲା କୋର୍ଟରେ ଅଟକି ରହିଥିବା ସମ୍ବଲପୁର ମହାନଗର ନିଗମ ନିର୍ବାଚନ ପାଇଁ ଶେଷରେ ବାଟ ଫିଟିଛି। ସୂଚନାଯୋଗ୍ୟ ଯେ, ୧୧ ବର୍ଷ ହେଲା କୋର୍ଟରେ ଅଟକି ରହିଥିଲା ସମ୍ବଲପୁର ମହାନଗର ନିଗମର ନିର୍ବାଚନ ମାମଲା।

# ଭୁବନେଶ୍ୱରରେ ପହଞ୍ଚିଲେ ମୁଖ୍ୟମନ୍ତ୍ରୀ

## ପାଗ ଖରାପ ଯୋଗୁଁ ଭୁବନେଶ୍ୱରରେ ଅବତରଣ କରିପାରିନଥିଲା ବିମାନ

**ଭୁବନେଶ୍ୱର, ୫।୯ :ନ୍ୟୁଜ୍‌ବ୍ୟୁରୋ**

କୋଲକାତାରୁ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପାଗ ଖରାପ ଯୋଗୁ ମୁଖ୍ୟମନ୍ତ୍ରୀ ଦିଲ୍ଲୀରୁ ଭୁବନେଶ୍ୱର ଏୟାରପୋର୍ଟରେ ନ ଓହ୍ଲାଇ କୋଲକାତା ଯାଇଥିଲେ। ଏୟାର୍ ଇଣ୍ଡିଆ ଏଆଇ-୪୭୩ ବିମାନରେ ନୂଆଦିଲ୍ଲୀରୁ ଫେରୁଥିଲେ ମୁଖ୍ୟମନ୍ତ୍ରୀ।ପରେ କୋଲକାତାରୁ ଭୁବନେଶ୍ୱର ଫେରିଥିଲେ। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ୪ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇ ଶୁକ୍ରବାର ଫେରିଛନ୍ତି।

# ଗୁରୁଙ୍କ ଆଶୀର୍ବାଦ ଜୀବନରେ ଶ୍ରେଷ୍ଠ : ନବୀନ

**ଭୁବନେଶ୍ୱର, ୫।୯ :ନ୍ୟୁଜ୍‌ବ୍ୟୁରୋ**

ଗୁରୁ ଦିବସରେ ସମସ୍ତ ଗୁରୁଙ୍କୁ ନମନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏହି ଅବସରରେ ସେ ଗୁରୁଙ୍କ ଆଶୀର୍ବାଦ ଜୀବନରେ ଶ୍ରେଷ୍ଠ ବୋଲି କହିଛନ୍ତି। ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ଜୀବନକୁ ସରସ ଓ ସୁନ୍ଦର କରି ଗଢ଼ି ତୋଳନ୍ତି ଗୁରୁ। ଗୁରୁଙ୍କ ଆଶୀର୍ବାଦ ଜୀବନରେ ଶ୍ରେଷ୍ଠ। ପବିତ୍ର ଗୁରୁ ଦିବସରେ ଆଦର୍ଶ ଗୁରୁ ତଥା ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ପ୍ରତି ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି।

## ଶରତ କୁମାର କରଙ୍କ ୮୭ତମ ଜୟନ୍ତୀ ପାଳିତ

# ମାହାଙ୍ଗାବାସୀଙ୍କ ହୃଦୟରେ ଶରତ କୁମାର ଏବେବି ଜୀବିତ

**ଭୁବନେଶ୍ୱର/କୁଆଁପାଳ, ୫।୯
ନ୍ୟୁଜ୍‌ବ୍ୟୁରୋ**

ମାହାଙ୍ଗା ମାଟିର ସୁଯୋଗ୍ୟ ସନ୍ତାନ, ବିଶିଷ୍ଟ ବାଗ୍ମୀ, ବରେଣ୍ୟ ସାହିତ୍ୟିକ, ପ୍ରଖ୍ୟାତ ରାଜନେତା ତଥା ଓଡ଼ିଶାର ଭୂତପୂର୍ବ ମନ୍ତ୍ରୀ, ବାଚସ୍ପତି ଏବଂ ଲୋକସଭା ସାଂସଦ ସ୍ୱର୍ଗତ ଶରତ କୁମାର କରଙ୍କ ୮୭ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସେପ୍ଟେମ୍ବର ୫ ତାରିଖ (ଶୁକ୍ରବାର) ସକାଳ ୯ଘ. ୩୦ମି. ସମୟରେ ମାହାଙ୍ଗା ବ୍ଲକ୍ କାର୍ଯ୍ୟାଳୟ କୁଆଁପାଳ ସ୍ଥିତ ସ୍ୱର୍ଗତ ଶରତ କୁମାର କରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ମାହାଙ୍ଗା ମୈତ୍ରୀ ମଞ୍ଚର ସାଧାରଣ ସମ୍ପାଦକ ତଥା 'ନିର୍ଭୀକ' ପତ୍ରିକାର ସମ୍ପାଦକ ଅବନୀ ଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତ ଶରତ କୁମାର କରଙ୍କ ଜ୍ୟେଷ୍ଠ ପୁତ୍ର ତଥା ଫାଉଣ୍ଡେସନର ସହ - ଅଧ୍ୟକ୍ଷ ଅଧ୍ୟାପକ ସୁମନ କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ କରି କହିଲେ ଯେ ତାଙ୍କ ସ୍ୱର୍ଗୀୟ ପିତା ପ୍ରତ୍ୟେକ ମାହାଙ୍ଗାବାସୀଙ୍କ ହୃଦୟରେ ଏବେବି ଜୀବିତ ଅଛନ୍ତି। ସଂଯୋଜକ ଶୁଭେନ୍ଦୁ କୁମାର ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ବହୁ ଅନୁଷ୍ଠାନ ତଥା ସ୍ଥାନୀୟ ଶରତ କର ସ୍ମୃତି କମିଟି ପକ୍ଷରୁ ଦିବଂଗତ ନେତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା।



ଅନ୍ୟମାନଙ୍କ ମଧ୍ୟରେ ବୟୋଜ୍ୟେଷ୍ଠ ମୁରବୀ ରାମ ଚନ୍ଦ୍ର ମହାପାତ୍ର, ଗୀତିକାର ବିଶ୍ୱେଶ୍ୱର ମହାନ୍ତି, ପୂର୍ବତନ ସମିତି ସଭ୍ୟ ରାମ ଚନ୍ଦ୍ର ବେହେରା, ବିଶିଷ୍ଟ ସଂଗଠକ ରୁଦ୍ର ନାରାୟଣ ସିଂହ, ଦୋଳ ଗୋବିନ୍ଦ ସାହୁ, ପୂର୍ବତନ ଶିକ୍ଷକ ହୃଷୀକେଶ ବେହେରା, ଆଶୁକବି ଡମ୍ବରୁଧର ପରିଡ଼ା, କବିୟତ୍ରୀ ଲବଙ୍ଗଲତା ରାଉତ, ଅନ୍ୟତମ ବରିଷ୍ଠ ସଂଗଠକ ରାଜ କୁମାର ବେହେରା, ପଦ୍ମଜା ସାହିତ୍ୟ ସଂସଦର କାର୍ଯ୍ୟ ନିର୍ବାହୀ ସମ୍ପାଦକ ପ୍ରକାଶ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଶରତ ପ୍ରେମୀ ପରିବାରର ଚୈତନ୍ୟ ସାମଲ ପ୍ରମୁଖ ଶରତ କରଙ୍କ ବହୁମୁଖୀ ପ୍ରତିଭାର ସ୍ମୃତି ଚାରଣ କରିଥିଲେ। ଶେଷରେ ଶୁଭେନ୍ଦୁ ସାମଲ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଦିଲ୍ଲୀପ କୁମାର ମହାନ୍ତି, କୁଆଁପାଳ ବଜାର କମିଟି ସଭାପତି ତଥା ଶରତ କର ସ୍ମୃତି କମିଟି ସଦସ୍ୟ ଜ୍ଞାନେନ୍ଦ୍ର ତ୍ରିପାଠୀ, ବିଚିତ୍ର ସାହୁ, ଅବଦୁଲ୍ କୁଦୁସ, କାର୍ତ୍ତିକ ଚନ୍ଦ୍ର ବିହାରୀ, ଦୀପକ ଦାସ, ବିଜୟ କୁମାର ନନ୍ଦ, ସରୋଜ କୁମାର ଦାସ, ଅଶୋକ ଜେନା, ସମ୍ ଶେର ଅଲ୍ଲୀ, ସରୋଜ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶରତ କର ଓ ଅନିମା କର ଫାଉଣ୍ଡେସନ ଅଧ୍ୟକ୍ଷ ତଥା ପରିଚାଳନା ଟ୍ରଷ୍ଟି ଶୋଭନ କରଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଓ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଗୁରୁଙ୍କ ବ୍ୟକ୍ତିତ୍ୱ ଚିରକାଳ ମାର୍ଗଦର୍ଶକ ହୋଇ ରହିଥିବ

**ଭୁବନେଶ୍ୱର, ୫।୯
ନ୍ୟୁଜ୍‌ବ୍ୟୁରୋ**

ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ପ୍ରତୀକ ଭାବରେ ଗୁରୁ ଚିର ନମସ୍ୟ। ଗୁରୁ ଚିରକାଳ ପାଇଁ ମାର୍ଗଦର୍ଶକ ଭାବରେ ରହିଆସିଛନ୍ତି ଓ ରହିଥିବେ। ଗୁରୁଙ୍କ ବ୍ୟକ୍ତିତ୍ୱ, ଚରିତ୍ର ଓ ଆଦର୍ଶ ସମସ୍ତଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିଛି। ଗୁରୁଙ୍କ ପ୍ରତିବଦ୍ଧତା, ଶିକ୍ଷା ପ୍ରଣାଳୀ ମନସ୍ତାତ୍ତ୍ୱିକ ତଥା ଆଧାତ୍ମିକ ପୂର୍ଣ୍ଣ ହୋଇଥିବାରୁ ଶିକ୍ଷାର୍ଥୀମାନଙ୍କ ପାଇଁ ଗୁରୁ ଚିର ବନ୍ଦନୀୟ ହୋଇ ରହିଆସିଛନ୍ତି।

୫ ତାରିଖ ଦିନ ଗୁରୁଦିବସ ଅବସରରେ ଓମ୍ ପ୍ରାଣାୟମ କେନ୍ଦ୍ର ପକ୍ଷରୁ ବିଜୁ ପଟ୍ଟନାୟକ ପାର୍କଠାରେ ଅନୁଷ୍ଠିତ ଏକ ଉତ୍ସବରେ ଯୋଗଦେଇ ବକ୍ତାମାନେ ଏଇ ମତ ପ୍ରଦାନ କରିଛନ୍ତି। ଯୋଗଗୁରୁ ଶ୍ୟାମସୁନ୍ଦର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରାଣାୟମ କେନ୍ଦ୍ରର ସମସ୍ତ ସଦସ୍ୟ ଯୋଗ ଦେଇ ଗୁରୁଦିବସର ମାହାତ୍ମ୍ୟ ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ।

ପ୍ରାରମ୍ଭରେ ଯୋଗଗୁରୁ ଶ୍ରୀ ଅଗ୍ରୱାଲ କହିଥିଲେ ଯେ 'ପ୍ରଚଳିତ ସମାଜରେ ଗୁରୁମାନଙ୍କର ଉପସ୍ଥିତି ସବୁବେଳେ କାମନା କରାଯାଇଥାଏ। ଶୃଙ୍ଖଳିତ ଜୀବନ, ଦୈନନ୍ଦିନ ଜୀବନରେ ସୁଖଶାନ୍ତି ଓ ସୁସ୍ଥ ଜୀବନ ଯାପନ କ୍ଷେତ୍ରରେ ଗୁରୁମାନଙ୍କ ଆଦର୍ଶ ସବୁବେଳେ ଆମ ପାଇଁ ପାଥେୟ ହୋଇ ରହିଛି। କୃତଜ୍ଞତାର ରଜ୍ଜୁ ଭାବପୂର୍ଣ୍ଣ ସହଯୋଗିତାରେ ରୂପାନ୍ତରିତ ହେବା ଉଚିତ। ମାନବ ସେବା ସବୁବେଳେ ମାଧବ ସେବା ହୋଇରହିଛି।' ଗୁରୁ ସବୁବେଳେ ଈଶ୍ୱର ପଦବାଚ୍ୟ ହୋଇ ରହିଥିବା ନେଇ ପ୍ରାଚୀନ ଗୁରୁକୁଳ ଆଶ୍ରମର ବର୍ଣ୍ଣନା ସେ କରିଥିଲେ।





ବରିଷ୍ଠ ନାଗରିକ ତଥା ସମାଜସେବୀ ଅମ୍ବିକା ଦାସ କହିଲେ ଯେ 'ବ୍ୟାସଦେବ ତଥା ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କୁ ବ୍ୟାସ ପୂର୍ଣ୍ଣିମା ତଥା ଗୁରୁଦିବସରେ ପୂଜା କରାଯାଇଥାଏ। ସେମାନେ ଛାତ୍ର ସମାଜର ଆଦର୍ଶ ଅଟନ୍ତି। ସେମାନଙ୍କ ନିକଟରେ ସାଧୁତା, ସ୍ୱଚ୍ଛତା, ସରଳ ଜୀବନ ଯାପନ ସବୁକିଛି ଭରପୁର ଥାଏ। ନିର୍ମଳ ମନରେ ଗୁରୁଙ୍କୁ ପୂଜା କଲେ ଗୁରୁଙ୍କ ଆଶୀର୍ବାଦ ପ୍ରାପ୍ତି ହୋଇଥାଏ।' ଅନ୍ୟତମ ବରିଷ୍ଠ ସମାଜସେବୀ ରାମଚନ୍ଦ୍ର ସାମନ୍ତରାୟ କହିଲେ ଯେ 'ଯୋଗଗୁରୁ ଶ୍ରୀ ଅଗ୍ରୱାଲଙ୍କ ନିକଟରେ ସମସ୍ତ ମହତ୍ ଗୁଣ ଭରପୁର ହୋଇ ରହିଛି। ତାଙ୍କ ଆଦର୍ଶକୁ ଆମେ ସର୍ବଦା ଅନୁକରଣ କରିବା ଉଚିତ।' 'ସମ୍ବାଦ କଳିକା'ର ସଂପାଦକ ଜୟାଶୀଷ ରାୟ କହିଲେ ଯେ 'ଆଜିର କଳୁଷିତ ସମାଜରେ ଶୃଙ୍ଖଳିତ ଜୀବନଯାପନ ପାଇଁ ଗୁରୁମାନଙ୍କ ଆଦର୍ଶ ସର୍ବଦା ଅନୁକରଣୀୟ। ଗୁରୁ ମାର୍ଗଦର୍ଶକ ହୋଇଥିବାରୁ ତାଙ୍କର ଦର୍ଶନ ତତ୍ତ୍ୱକୁ ଅନୁସରଣ କରିବା ଉଚିତ। ଶ୍ରୀ ଅଗ୍ରୱାଲ ଏହିଭଳି ଜଣେ ବ୍ୟକ୍ତିତ୍ୱ ଓ ଚରିତ୍ରର ଅଧିକାରୀ ଅଟନ୍ତି। ସରଳ ଜୀବନଯାପନ ସହିତ ଜୀବନର ଆଡ଼ମ୍ବରପୂର୍ଣ୍ଣ ତଥା ବିଳାସବ୍ୟସନକୁ ତ୍ୟାଗ କରି ନିଜକୁ ସଂପୂର୍ଣ୍ଣ ଭାବରେ ଯୋଗସାଧନା ତଥା ପ୍ରାଣାୟମ ଶିକ୍ଷା ପ୍ରଦାନ କ୍ଷେତ୍ରରେ ସେ ଗତ ୨୩ ବର୍ଷ ଧରି ନିଜକୁ ଜଡ଼ିତ ରଖିଛନ୍ତି। ଯୋଗ ଓ ପ୍ରାଣାୟମ ସାଧନା ଜୀବନକୁ ଶୃଙ୍ଖଳିତ କରିବା ସହ ସର୍ବାଙ୍ଗ ସୁନ୍ଦର କରି ଗଢି ତୋଳିଥାଏ। ଆମ ସମସ୍ତଙ୍କ ପାଇଁ ସେ ଆଦର୍ଶ ଅଟନ୍ତି।'

ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଚିତ୍ତରଞ୍ଜନ ମହାରଣା, ସୁଦେଶ କୁମାର ରାଲହାନ, ସୌରେନ୍ଦ୍ର ଦାସ, ମନ୍ମଥ କୁମାର ଶତପଥୀ, ଯଶବୀର ସିଙ୍ଗଲା, ମହେନ୍ଦ୍ର କୁମାର ମହାନ୍ତି, ବିରଞ୍ଚି ନାରାୟଣ ମହାନ୍ତି, ପ୍ରଫୁଲ୍ଲ କୁମାର ରଥ, ବାଦଲ ପରିଜା, ଗୋପବନ୍ଧୁ ନାୟକ, ଅଲେଖ ନାୟକ, ନିହାର ଦାସ, ଡକ୍ଟର ବିଷ୍ଣୁ ପ୍ରସାଦ ମିଶ୍ର, ହେମନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ଗୁରୁଦିବସର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ।

# ବର୍ଷାରେ ଭାସିଗଲା ଦୁଧେଇନାଳ ସେତୁ

**ଯାଜପୁରସଦର, ୫।୯
ନ୍ୟୁଜ୍‌ବ୍ୟୁରୋ**

ଲଘୁଚାପଜନିତ ଅବିଶ୍ରାନ୍ତ ବର୍ଷା କାରଣରୁ ଯାଜପୁର ଜିଲ୍ଲାର ବହୁ ଅଞ୍ଚଳ ଜଳାର୍ଣ୍ଣବ ହୋଇଥିବାବେଳେ ଦୁଧେଇ ନାଳ ସେତୁ ଭାସିଯାଇଛି। ସେତୁର ଅଧିକାଂଶ ଅଂଶ ଭାଙ୍ଗି ପଡ଼ିଥିବା ବେଳେ ପାଖାପାଖି ୩୦ ଫୁଟର ଆପ୍ରୋଚ୍ ରୋଡ୍ ପାଣିରେ ଭାସିଯାଇଛି। ଫଳରେ ସୁଜନପୁର ଓ ରୁଦ୍ରପୁର ପଞ୍ଚାୟତ ମଧ୍ୟରେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ବୁଧବାର ବର୍ଷାରେ ପୋଲର କିଛି ଅଂଶ ପ୍ରଭାବିତ ହୋଇଥିଲା। ଶୁକ୍ରବାର ସକାଳୁ ପ୍ରବଳ ଜଳ ପ୍ରବାହ ଯୋଗୁଁ ପୋଲ ଓ ରାସ୍ତା ଭାସି ଯାଇଥିଲା। ଜଳଚାପ ଯୋଗୁଁ ଅବଶିଷ୍ଟ ସେତୁ ମଧ୍ୟ ଦୁର୍ବଳ ହୋଇ ବିପଦସଂକୁଳ ଅବସ୍ଥାରେ ରହିଛି। ସେତୁର ଅନେକ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ଯାତାୟାତ ପାଇଁ ପୋଲଟି ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇପଡ଼ିଛି। ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅଧୀନ ପୋଲ ସଂଯୋଗୀକରଣ ରାସ୍ତା ଧୋଇଯିବାରୁ ଦୁଇ ପଞ୍ଚାୟତର ହଜାର ହଜାର ଲୋକ ଅସୁବିଧାରେ ପଡ଼ିଛନ୍ତି।

ଖରସ୍ରୋତା ନଦୀରୁ ବାହାରି ଦୁଧେଇ ନାଳ ବ୍ରାହ୍ମଣୀ ନଦୀରେ ମିଶିଛି। ଡ୍ରେନେଜ୍ ବିଭାଗ ପକ୍ଷରୁ ନାଳର ରକ୍ଷଣାବେକ୍ଷଣ ଠିକ୍ ଭାବେ କରାଯାଉ ନାହିଁ। ବର୍ଷବର୍ଷ ଧରି ନାଳଟି ଦଳରେ ଭର୍ତ୍ତି ହୋଇ ରହିଥିବା ଯୋଗୁଁ ବର୍ଷାଜଳ ନିଷ୍କାସନରେ ବାଧା ଉପୁଜିଥିଲା। ଦଳ ସମସ୍ୟା ଯୋଗୁଁ ବ୍ରିଜ୍ ଉପରେ ଚାପ ପଡ଼ିଥିଲା। ଏହି ବ୍ରିଜ୍ ଉପରେ ସୁଜନପୁର ପଞ୍ଚାୟତର ଦୁର୍ଗାପୁର ଓ ରୁଦ୍ରପୁର ପଞ୍ଚାୟତର ବଡ଼ବାଗସାହି ଅଞ୍ଚଳର ହଜାର ହଜାର ଲୋକ, ଛାତ୍ରଛାତ୍ରୀ ଓ ଚାଷୀ ନିର୍ଭର କରିଥାନ୍ତି। ଦୁର୍ଗାପୁର ଅଞ୍ଚଳର ଶତାଧିକ ଲୋକଙ୍କ ଏକର ଏକର ଚାଷଜମି ଅପରପାର୍ଶ୍ୱରେ ରହିଛି। ଚାଷଜମିକୁ ଯିବାଆସିବା ପାଇଁ ପୋଲଟି ଲୋକଙ୍କର ଏକମାତ୍ର ଭରସା ହୋଇ ରହିଥିଲା। ନିମ୍ନମାନର କାର୍ଯ୍ୟ ଯୋଗୁଁ ରାସ୍ତା ଓ ପୋଲର ଅବସ୍ଥା ଏପରି ହୋଇଥିବା ଅଞ୍ଚଳବାସୀ କହିଛନ୍ତି। ବିଭାଗୀୟ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ତୁରନ୍ତ ପୋଲ ମରାମତି କରି ଏହାକୁ ବ୍ୟବହାର ଉପଯୋଗୀ କରିବାକୁ ସୁଜନପୁର ସରପଞ୍ଚ ବିଷ୍ଣୁପ୍ରିୟା ମହାକୁଡ଼ ଦାବି କରିଛନ୍ତି।

# ସୁନ୍ଦରପଦା-ଜଟଣୀ ରାସ୍ତାର ସ୍ଥିତି ସମୀକ୍ଷା କଲେ ନିର୍ମାଣ ମନ୍ତ୍ରୀ


**ଭୁବନେଶ୍ୱର, ୫।୯
ନ୍ୟୁଜ୍‌ବ୍ୟୁରୋ**

ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୁନ୍ଦରପଦା ଠାରୁ ଜଟଣୀ ପର୍ଯ୍ୟନ୍ତ ନିର୍ମାଣଧୀନ ରାସ୍ତାର ସ୍ଥିତି ଅନୁଧ୍ୟାନ କରିଥିଲେ। ସାଧାରଣ ଲୋକଙ୍କ ଆବଶ୍ୟକତା ଦୃଷ୍ଟିରୁ ରାସ୍ତା ନିର୍ମାଣ କାର୍ଯ୍ୟ କିପରି ଶୀଘ୍ର ଶେଷ ହୋଇପାରିବ ସେଥିନେଇ ବିଭାଗୀୟ ଅଧିକାରୀ, ମୁଖ୍ୟଯନ୍ତ୍ରୀ, ଠିକାସଂସ୍ଥା ଏବଂ ଅଞ୍ଚଳବାସୀଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ।

ମୋଟ ୧୩.୫ କିଲୋମିଟର ଦୀର୍ଘ ଏହି ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ଚାରି ଲେନ କରିବା ପାଇଁ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରିବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ନିର୍ମାଣଧୀନ ରାସ୍ତା ପ୍ରଶସ୍ତିକରଣ ସମୟରେ ଆସୁଥିବା ସମସ୍ୟା ଯେପରିକି ଡ୍ରେନେଜ୍, ସ୍ୱରେଜ୍, ଇଲେକ୍ଟ୍ରିଫିକେସନ ୟୁଟିଲିଟି ଆଦିର କାର୍ଯ୍ୟ ଶୀଘ୍ର ଶେଷ କରିବା ନେଇ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନଙ୍କ ସହିତ ମନ୍ତ୍ରୀ ଆଲୋଚନା କରିଥିଲେ। ଏଥି ସହିତ ୨୦୨୫ ନଭେମ୍ବର ଶେଷ ସୁଦ୍ଧା ପୂରା ରାସ୍ତାର ନିର୍ମାଣ ଶେଷ କରିବା ପାଇଁ ଠିକାସଂସ୍ଥା ଓ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ନିର୍ଦ୍ଦେଶ ଦେଇଥିଲେ।

ପ୍ରକାଶ ପାଇବାକୁ ଯାଉଛି...

'କଥାକଳିକା'ର ମହାପୂଜା ସଂଖ୍ୟା
ସେପ୍ଟେମ୍ବର-୨୦୨୫




ବିଶିଷ୍ଟ କଥାକାରଙ୍କର କଥାରେ ସମୃଦ୍ଧ...

**ସ୍ମରଣୀୟ କଥା :** ଉପେନ୍ଦ୍ର ପ୍ରସାଦ ନାୟକ।
**ସମକାଳର କଥା :** ସଦାନନ୍ଦ ତ୍ରିପାଠୀ, ରାଜ୍ୟବର୍ଦ୍ଧନ ଧଳମହାପାତ୍ର, କ୍ଷୀରୋଦ ଦାସ, ଭାସ୍କର ଜେନା, ପୁଷ୍ପାଞ୍ଜଳି କର, ଲକ୍ଷ୍ମୀ ଚାନ୍ଦ, ରଞ୍ଜନ କୁମାର ଦାସ, ସୌରୀନ୍ଦ୍ରି ସାହୁ, ରୁମ୍ ଝୁମ୍ ନାୟକ, ଆଭାସ ବରାଳ, ଶଶିକାନ୍ତ ରାଉତ, ସୋମା ଚାନ୍ଦ, ସୁକାନ୍ତ ଦାସ, ପ୍ରତାପ ବିଶ୍ୱାଳ, ବିଜନବାଳା ପାଟଯୋଷୀ, ସୁଷମା ଦାଶ, ବିଜୟ ଦାଶ, ବିଜୟ ମଲ୍ଲ, ସୁଜାତା ମହାପାତ୍ର, କିରଣ ମିଶ୍ର, ସୁନିତା କର, ଆଶାଲତା ପଣ୍ଡା, ସଂଯୁକ୍ତା ଦାଶ, ବନ୍ଦନା ପଣ୍ଡା, ବିଜୟଲକ୍ଷ୍ମୀ ସାହୁ।
**ଅନ୍ୟ ଭାଷାର କଥା :** କନକ ମଞ୍ଜରୀ ପଟ୍ଟନାୟକ, ରେବାଦାସ ପଟ୍ଟନାୟକ।
**ଯୁବ ମାନସର କଥା :** ଜାକିର ଖାନ୍, ଲିପ୍‌ସା ପଟେଲ, ପ୍ରକାଶ ସାହୁ, ସ୍ରୋତସ୍ୱିନୀ ପରିଡ଼ା, ଶ୍ରୀତମ ବାରିକ।
**ଏବଂ ଶେଷରେ....**
**କଥା ସାଗର :** ଅନୁବାଦ ଉପନ୍ୟାସ : ସୁପ୍ରଭା ରାୟ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୧୬୪/ ମୂଲ୍ୟ ୧୨୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

DSPL-244



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମ୍ୟାଲେରିଆ ଓ ଡେଙ୍ଗୁ ନିରାକରଣ ସଚେତନତା ଅଭିଯାନ
୧ ଅଗଷ୍ଟ - ୩୦ ସେପ୍ଟେମ୍ବର ୨୦୨୫

ବର୍ଷା ଋତୁରେ ମଶା ବଂଶ ବୃଦ୍ଧି ପାଇବା ଏବଂ ମ୍ୟାଲେରିଆ ଓ ଡ଼େଙ୍ଗୁ ରୋଗ ବ୍ୟାପିବାର ଆଶଙ୍କା ଅଧିକ ଥାଏ। ଏଥିରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ନିମ୍ନଲିଖିତ ଉପାୟ ଆପଣାନ୍ତୁ।

- ଘର ପାଖ ପରିବେଶ ସଫା-ସୁତୁରା ରଖନ୍ତୁ
- ଘର ପାଖରେ ଜମୁଥିବା ପାଣିକୁ ସପ୍ତାହରେ ଅନ୍ତତଃ ଥରେ ନିଷ୍କାସନ କରିଦିଅନ୍ତୁ
- ଘରେ କିମ୍ବା ଘର ପାଖରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର, ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଚମ୍ବର ଆଦିକୁ ସପ୍ତାହକୁ ଥରେ ପାଣି ବାହାର କରି ପରିଷ୍କାର କରନ୍ତୁ
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା/ ଛିଣ୍ଡା ଟାୟାର, କଟା ପଇଡ଼, ନଡ଼ିଆ ଷଢ଼େଇ, କୁଡୁଆ, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରିଦିଅନ୍ତୁ
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ନିଶ୍ଚୟ ବ୍ୟବହାର କରନ୍ତୁ, ମଶା ଦାଉରୁ ସୁରକ୍ଷିତ ରହିବା ପାଇଁ ଘରର ଝରକାରେ ସରୁ ଜାଲି ଲଗାନ୍ତୁ
- ଶରୀରକୁ ପୁରା ଘୋଡାଇଲା ଭଳି ପୋଷାକ ପିନ୍ଧନ୍ତୁ
- ଆବଶ୍ୟକ ସ୍ଥଳେ ମଶା ନିବାରକ ବ୍ୟବହାର କରନ୍ତୁ
- ଜ୍ୱର, କମ୍ପ, ଆଣ୍ଠୁ-ଗଣ୍ଠି, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରି ଚିକିତ୍ସିତ ହୁଅନ୍ତୁ

ଉପଯୁକ୍ତ ସଚେତନତା ସହିତ ସମୟୋଚିତ ପଦକ୍ଷେପ ସୁସ୍ଥ ଜୀବନର ମୂଳମନ୍ତ୍ର

ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
http://www.health.odisha.gov.in/
@HFWOdisha

OIPR-10003/13/0257/2526